

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୮ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 FEBRUARY 2025

Vol.No. 36 ■ No.56 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ମହାକୁମ୍ଭରେ ମହାସ୍ନାନ ଶେଷ : ବୁଡ଼ ପକାଇଲେ ୬୬ କୋଟିରୁ ଅଧିକ



ନୂଆଦିଲ୍ଲୀ, ୨୭/୨ : ମହାଶିବରାତ୍ରୀ ସହ ଶେଷ ହୋଇଛି ପ୍ରୟାଗରାଜ ମହାକୁମ୍ଭ । ଗଙ୍ଗା ନଦୀ କୂଳରେ ୪୫ ଦିନ ଧରି ଚାଲିଥିଲା ବିଶ୍ୱର ସର୍ବବୃହତ ଆଧାତ୍ମିକ ମେଳା । ଯେଉଥିରେ ବୁଡ଼ ପକାଇଛନ୍ତି ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ। ୧୪୪ ବର୍ଷ ପରେ ଏଭଳି ଐତିହାସିକ ମୁହୂର୍ତ୍ତ ଆସିଥିବାରୁ ଏହାର ସାକ୍ଷୀ ବନିଛନ୍ତି ସାଧୁସନ୍ଥଙ୍କଠାରୁ ନେଇ ସାଧାରଣ ଲୋକ। ଶେଷ ଦିନରେ ମଧ ସଙ୍ଗମ ସ୍ଥଳରେ ଦେଖିବାକୁ ମିଳିଥିଲା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼। ଏହାକୁ ଦୃଷ୍ଟିରେ ରଖି ସମଗ୍ର କୁମ୍ଭମେଳା ଅଞ୍ଚଳକୁ 'ନୋ ଭେଇକିଲ ଜୋନ୍'ରେ ପରିଣତ କରାଯାଇଥିଲା। ଭିଆଇପି ସୁବିଧା ମଧ ବନ୍ଦ ରହିଥିଲା । ସୁରକ୍ଷା ଦାୟିତ୍ୱରେ ଥିଲେ ୩୭ ହଜାର ପୋଲିସ । ସିସିଟିଭି କ୍ୟାମେରା ସହ ୱାଚ ଟାୱାରରୁ ନଜର ରଖାଯାଉଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ଏକ ଏୟାର ସୋ'ର ଆୟୋଜନ କରିଥିଲା ଭାରତୀୟ ବାୟୁସେନା । ଆକାଶରେ କୌଶଳ ଦେଖାଇଥିଲେ ଯୁଦ୍ଧ ବିମାନ । ହେଲିକପ୍ଟରରୁ ଶ୍ରଦ୍ଧାଳୁଙ୍କ ଉପରକୁ ହୋଇଥିଲା ଫୁଲ ବର୍ଷା । ଏଭଳି ଭବ୍ୟ ଆୟୋଜନ ପାଇଁ ପ୍ରଶାସନ ସହ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଛନ୍ତି ବୁଡ଼ ପକାଇବାକୁ ଆସିଥିବା ଶ୍ରଦ୍ଧାଳୁ । ମହାକୁମ୍ଭ ଶେଷ ହେବା ପରେ ଆରମ୍ଭ ହୋଇଛି ସ୍ୱଚ୍ଛତା ଅଭିଯାନ । ପ୍ରୟାଗରାଜ ଅରେଲ ଘାଟରେ ପୂଜାର୍ଚ୍ଚନା କରିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । କର୍ମୀଙ୍କ ସହ ମିଶି ନିଜେ ନଦୀ ଘାଟରେ ଝାଡୁ ମାରିଛନ୍ତି । ତାଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ମଧ ଗଙ୍ଗା ନଦୀରୁ ଆବର୍ଜନା ସଫା କରିଛନ୍ତି। ମେଳାର ସଫଳ ଆୟୋଜନ ପାଇଁ ପୁଲିସ କର୍ମୀଙ୍କ ସହ ସ୍ୱାସ୍ଥ୍ୟ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ନାବିକଙ୍କୁ ସମ୍ମାନିତ କରାଯାଇଛି ।

▶▶ପୃଷ୍ଠା ୭

# ମହିଳାଙ୍କୁ ବସ୍‌ରେ ଦୁଷ୍କର୍ମ ମାମଲା: ଦୁଷ୍କର୍ମକାରୀର ଫଟୋ ଜାରି କଲା ପୁଲିସ

## ଅଭିଯୁକ୍ତ ସମ୍ପର୍କରେ ସୂଚନା ଦେଲେ ମିଳିବ ଲକ୍ଷେ ଟଙ୍କା





ବମ୍ବେ, ୨୭/୦୨ : ମହାରାଷ୍ଟ୍ର ପୁଣେରେ ମହିଳାଙ୍କୁ ବସ୍ ରେ ଦୁଷ୍କର୍ମ ମାମଲା । ୨୭ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି । ଏହାରି ଭିତରେ ଦୁଷ୍କର୍ମକାରୀର ଫଟୋ ଜାରି କରି ଅଭିଯୁକ୍ତ ସମ୍ପର୍କରେ ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର ମିଳିବା ନେଇ ଘୋଷଣା କରିଛି ମହାରାଷ୍ଟ୍ର ପୁଲିସ । ଘଟଣା ମୁତାବିକ ପୁଣେର ଏକ ପୋଲିସ ଷ୍ଟେସନରୁ ମାତ୍ର ୧୦୦ ମିଟର ଦୂରରେ ଥିବା ସ୍ୱରଗେଟ ବସଷ୍ଟାଣ୍ଡରେ ଏହି ଘଟଣା ଘଟିଥିଲା । ପାର୍କିଂ କରାଯାଇଥିବା ଏକ ବସରେ ମହିଳାଙ୍କୁ ଦୁଷ୍କର୍ମ ହୋଇଥିଲା। ଗତ ମଙ୍ଗଳବାର ଭୋର ୬ଟାରେ ଏହି ଦୁଷ୍କର୍ମ ଘଟଣା ଘଟିଥିଲା। ମହିଳା ଜଣକ ସତାରା ଜିଲ୍ଲାକୁ ଯିବା ଲାଗି ବସକୁ ଅପେକ୍ଷା କରିଥିବାବେଳେ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଥିଲା। ଦତ୍ତାତ୍ରେୟ ରାମଦାସ ଗାଡେ ନାମକ ଜଣେ ଯୁବକ ଦୁର୍ଷ୍କମ କରିଥିବା ନେଇ ଅଭିଯୋଗ ହୋଇଛି । ତେବେ ପୂର୍ବରୁ ମଧ ତାଙ୍କ ନାଁରେ ଚୋରି, ଡକାୟତି, ଚେନ ଲୁଟିବା ଆଦି ଅନେକ ଅପରାଧିକ ରେକର୍ଡ ଥିବା ପୋଲିସ ସୂଚନା ଦେଇଛି । ୨୦୧୯ରେ ସେ ଜାମିନରେ ଆସିଥିଲା। ତାକୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଏବେ ପୋଲିସ ରେଡ କରିଛି। ଏହା ସହ କ୍ରାଇମବ୍ରାଞ୍ଚର ୮ ସଦସ୍ୟଙ୍କ ସହ ଏକ ୧୩ ଜଣିଆ ଟିମ ଗଠନ କରାଯାଇଛି। ଅଭିଯୁକ୍ତ ମାସ୍କ ପିନ୍ଧିଥିବାରୁ ତାକୁ ବର୍ତ୍ତମାନ ଚିହ୍ନିବା କଷ୍ଟକର ହୋଇଛି ବୋଲି କହିଛନ୍ତି ପୁଣେ ଡିସିପି । ଏଥିପାଇଁ ଅଭିଯୁକ୍ତଙ୍କୁ ଚିହ୍ନାଇବା ପାଇଁ ଫଟୋ ଜାରି କରିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର ମିଳିବା ନେଇ ଘୋଷଣା କରାଯାଇଛି ।

# ମଣିପୁରରେ ବଡ଼ ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ

## ଆରାମ୍ବାଇ ତେଙ୍ଗଗୋଲ୍ ୨୪୬ଟି ଲୁଟ୍ ହୋଇଥିବା ବନ୍ଧୁକ ଫେରାଇ ଦେଲେ



ନୂଆଦିଲ୍ଲୀ, ୨୭/୨ : ସଂଘର୍ଷ ସମୟରେ ରାଜ୍ୟର ଅସ୍ତ୍ରଶସ୍ତ୍ରରୁ ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ ପାଇଁ ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ନିର୍ଦ୍ଧାରିତ ସମୟସୀମାର ଶେଷ ଦିନ, ଇମ୍ଫାଲରେ ଏକ ଅସାଧାରଣ ଶୋଭାଯାତ୍ରାରେ ମଣିପୁରର ମେଇତେଇ ଗୋଷ୍ଠୀକୁ ଦେଖିବାକୁ ମିଳିଥିଲା । ବିଭିନ୍ନ ପ୍ରକାରର ବନ୍ଧୁକରେ ପରିପୂର୍ଣ୍ଣ ମୌଳବାଦୀ ସଶସ୍ତ୍ର ଗୋଷ୍ଠୀ ଆରାମ୍ବାଇ ତେଙ୍ଗଗୋଲ୍‌ର ଗାଡ଼ି ଗୁଡିକର ଏକ ଧାରା। ଇମ୍ଫାଲ ପଶ୍ଚିମର ପ୍ରଥମ ଏମଆର କମ୍ପ୍ଲେକ୍ସରେ ଏହି ଗୋଷ୍ଠୀ ୨୪୬ଟି ଅସ୍ତ୍ର ଆତ୍ମସମର୍ପଣ କରିଥିଲା। ରାଜଭବନରେ ଏହାର ସଦସ୍ୟ ମାନେ ରାଜ୍ୟପାଳ ଭଲ୍ଲାଙ୍କୁ ଭେଟିବାର ଦୁଇ ଦିନ ପରେ ଏହି ଗୋଷ୍ଠୀ ଦ୍ୱାରା ଏହି ସାମୂହିକ ଅସ୍ତ୍ର ଆତ୍ମସମର୍ପଣ କରାଯାଇଥିଲା ଏବଂ ଏହା ସଂଘର୍ଷଗ୍ରସ୍ତ ରାଜ୍ୟରେ ଏପର୍ଯ୍ୟନ୍ତ ଅବୈଧ ଭାବରେ ରଖାଯାଇଥିବା ଅସ୍ତ୍ରର ସବୁଠାରୁ ବଡ଼ ଆତ୍ମସମର୍ପଣ। ଫେବୃଆରୀ ୨୦ ତାରିଖରେ

▶▶ପୃଷ୍ଠା ୭

## ବାଣ ବିସ୍ଫୋରଣ ୨ ଶିଶୁ ଗୁରୁତର: ଜଣେ ଆହତ

ଖୋର୍ଦ୍ଧା,୨୭।୨(ନି.ପ୍ର) ଖୋର୍ଦ୍ଧା ଶିକ୍ଷାଚଂଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ଗୁରୁବାର ଅପରାହ୍ନରେ ଭୟଙ୍କର ବିସ୍ଫୋରଣ ଘଟିଛି। ତେବେ ଜାଗର ପାଇଁ ଠାକୁର ଘରେ ଥିବା ବାଣ ବିସ୍ଫୋରଣରେ ୨ ଶିଶୁ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ବିସ୍ଫୋରଣରେ ୧୦ ବର୍ଷ ଓ ୧୨ବର୍ଷର ନାବାଳକ ଓ ନାବାଳିକା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମାନଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ବାଣ କି ବୋମା ବିସ୍ଫୋରଣ ତାହା ସ୍ପଷ୍ଟ ହୋଇନଥିଲେ ମଧ ପୋଲିସ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସଦର ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ଗାୟତ୍ରୀ ମିଶ୍ର ପ୍ରମୁଖ ପହଂଚି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ, ତାପସ ମଙ୍ଗରାଜଙ୍କ ଭଣଜା ଭାଣେଜି ମାମୁ ଘରକୁ ବୁଲି ଆସିଥିଲେ। ଜାଗରରେ ଫୁଟାଇବା ପାଇଁ ବାଣ ଠାକୁର ଘରେ ରଖିଥିଲେ। ପିଲାମାନେ ଠାକୁର ଘର ବାରଣ୍ଡାରେ ଖେଳୁଥିବା ବେଳେ ହଠାତ ବାଣ ବିସ୍ଫୋରଣ ହୋଇ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ, ୨ ଜଣ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ।ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତ ଚଳାଇଛି।

## ବଢ଼ିପାରେ ଲୋକସଭା ସହ ବିଧାନସଭା ଆସନ !

# ଓଡ଼ିଶାରେ ୨୮ ଛୁଇଁପାରେ ଲୋକସଭା ଆସନ : ବିଧାନସଭା ଆସନ ହେଇପାରେ ୧୯୬

ଭୁବନେଶ୍ୱର, ୨୭/୨(ନି.ପ୍ର) : ଆଗକୁ ବଢିବ ଲୋକସଭା ଆସନ । ଓଡିଶାରେ ୨୧ ବଦଳରେ ୨୮ ହେବ ଆସନ! ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ କହୁଛି, ୨୦୨୬ ପୁନଃ ସୀମାନିର୍ଦ୍ଧାରଣ ସହିତ ବଢିବ ଦେଶର ସାଂସଦଙ୍କ ସଂଖ୍ୟା। ଲୋକସଭା ଆସନ ବଢି ୮୪୮କୁ ଛୁଇଁପାରେ । ଏହି କ୍ରମରେ ଓଡିଶା ଲୋକସଭା ଆସନ ସଂଖ୍ୟା ୨୧ରୁ ୨୮କୁ ବଢିପାରେ । ତେବେ ଏହାରି ଭିତରେ ସବୁଠୁ ଅଧିକ ଆସନ ହେବ ଉତ୍ତରପ୍ରଦେଶର, ଏହାପରେ ମହାରାଷ୍ଟ୍ର, ତାମିଲନାଡୁ ଓ ବିହାର ରହିପାରେ । ସେହିଭଳି ଆନ୍ଧ୍ର ଓ ତେଲେଙ୍ଗାନାରେ ୫୪, ପଶ୍ଚିମବଙ୍ଗରେ ଲୋକସଭା ଆସନ ସଂଖ୍ୟା ୬୦ ହୋଇପାରେ । ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ବଡ ବାଧକ ଜନଗଣନା । ଏଯାଏଁ କେନ୍ଦ୍ର ଏହି ପ୍ରକ୍ରିୟା ଆରମ୍ଭ କରିନି । ଯଦି ୨୦୨୬ରେ ଜନଗଣନା ହୁଏ ତେବେ ଲୋକସଭା ସହିତ ଅନୁରୂପ ହାରରେ ବିଧାନସଭା ସିଟ ମଧ ବଢିବ । ଅତେବ ଓଡିଶା ବିଧାନସଭା ଆସନ ସଂଖ୍ୟା ୧୯୬ ଛୁଇଁପାରେ । ଆହୁରି ସ୍ପଷ୍ଟ ଭାବେ କହିବାକୁ ଗଲେ, ଏସବୁ କାର୍ଯ୍ୟକାରୀ କରାଗଲେ ଆହୁରି ଅଧିକ ୪୯ ବିଧାୟକଙ୍କୁ ଓଡିଶା ନିର୍ବାଚିତ କରିବ । ତେଣୁ ପ୍ରଶ୍ନ ଉଠୁଛି, ବର୍ତ୍ତମାନ ବିଧାନସଭାରେ ଏତେ ଅଧିକ ବିଧାୟକ ବସିବାକୁ ସ୍ଥାନ ଅଛି ତ ? ବିଧାନସଭା ଆକାର ବଢେଇବା ପାଇଁ ଚିନ୍ତା କଲେଣି କି ସରକାର ? ୧୯୭୭ ମସିହା ପରେ ଦେଶରେ ଲୋକସଭା ଆସନ ସଂଖ୍ୟା ବଢିନି । ଯଦିଓ ଓଡିଶାରେ ୨୦୦୯ରେ ନିର୍ବାଚନ ପୂର୍ବରୁ ନିର୍ବାଚନମଣ୍ଡଳୀଗୁଡିକର ସୀମା ପୁନଃନିର୍ଦ୍ଧାରଣ ଆଂଶିକ କରାଯାଇଛି । ତେଣୁ ଏବେଠୁ ରାଜନୈତିକ ଚର୍ଚ୍ଚା ହେଲାଣି, କେଉଁ ନିର୍ବାଚନ ମଣ୍ଡଳୀ ଭାଙ୍ଗିବ ଓ କେଉଁ ନୂଆ ଆସନ ଜନ୍ମ ନେବ ।

# ସୂଚନା ଅଧିକାର କର୍ମୀଙ୍କ ଦାବି : 'କିଟ୍‌କୁ ତଦନ୍ତ ପରିସରଭୁକ୍ତ କରାଯାଉ'

## ଛାତ୍ରୀ ଆତ୍ମହତ୍ୟା ମାମଲା : ହାଜର ହେଲେ ୬ ଅଧିକାରୀ




ଭୁବନେଶ୍ୱର, ୨୭ /୦୨ : (ନି.ପ୍ର) କିଟ୍‌ରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଓ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ଉଚ୍ଚ ସ୍ତରୀୟ କମିଟି ଆଗରେ ପକ୍ଷ ରଖିଛନ୍ତି କିଟ୍‌ର ୬ ଜଣ ଅଧିକାରୀ । ସିନିୟର ହଷ୍ଟେଲ ଅଧିକ୍ଷକ ସଂହିତା ମିଶ୍ର, ସିନିୟର ଆଡମିନଷ୍ଟ୍ରେଟିଭ୍ ଅଫିସର ସିଦ୍ଧାର୍ଥ ରାୟ, ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଇପ୍‌ସିତା ଶତପଥୀ, ଆସିଷ୍ଟାଂଟ ଡାଇରେକ୍ଟର ସ୍ମରିକା ପତି ଓ ସ୍ପୋର୍ଟ୍ସ ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ପକ୍ଷ ରଖିଛନ୍ତି । କିଟ୍ ଜମି ଜଙ୍ଗଲ ଭଳି ଏକର ଏକର ଇଡ଼କୋ ଜମିକୁ ହରି ଲୁଟ କରିଛି । କିଟ ଅନେକ ଜମି ଜାଲିଆତିରେ ହଡ଼ପ କରିଛି। ଯାହା ତଦନ୍ତ ପରିସରଭୁକ୍ତ କରାଯିବା ଉଚିତ ବୋଲି ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ କହିଛନ୍ତି। କିଟ୍, କିସ୍ ଅନୁଷ୍ଠାନ ଆମ ଟାର୍ଗେଟ ନୁହେଁ, ଯେଉଁ ବ୍ୟକ୍ତି ଏହାକୁ ଭୁଲ ଢଙ୍ଗରେ ଚଳାଇଛନ୍ତି ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ସରକାର ଏହି ସଂସ୍ଥାକୁ ନିଜ ଅଧିନକୁ ନେଇ ଯାଆନ୍ତୁ ଏବଂ ସେ ଦୁଇ ମହିଳା କର୍ତ୍ତୃପକ୍ଷ ଏବଂ ଅନ୍ୟ ଲୋକମାନଙ୍କ ଉପରେ ତଦନ୍ତ କରାଯାଉ। ଯେଉଁମାନେ ନେପାଳି ଛାତ୍ର ଛାତ୍ରୀଙ୍କୁ ମାଡ଼ ମାରିବା ସହ ଜାତିଆଣ ମନୋଭାବ, ତାଙ୍କ ଦେଶ ପ୍ରତି ଅସମ୍ମାନ କରିଛନ୍ତି ସେମାନଙ୍କୁ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ରଖିଛନ୍ତି। ୨୦୧୩- ୧୪ ମସିହାରୁ ଜଂଗଲ ଜମି, ଇଡ଼କୋର ୧୦୮ ଏକର ଜମି ହଡ଼ପ କରିଛି କିଟ୍।

▶▶ପୃଷ୍ଠା ୭

# ପୋପ୍ ଫ୍ରାନ୍ସିନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର: ଅକ୍ସିଜେନ ଥେରାପି ଜାରି



ଭାଟିକାନ ସିଟି, ୨୭/୦୨ : ପୋପ୍ ଫ୍ରାନ୍ସିନଙ୍କ ସ୍ୱାସ୍ଥ୍ୟରେ ଗତ ୨୪ ଘଂଟାରେ ସାମାନ୍ୟ ସୁଧାର ଆସିଛି । ଭାଟିକାନ ପ୍ରେସ କାର୍ଯ୍ୟାଳୟ ବୁଧବାର ସନ୍ଧ୍ୟାରେ ଜାରି ସ୍ୱାସ୍ଥ୍ୟ ବୁଲେଟିନରେ କୁହାଯାଇଚି ଯେ, ଗତ କିଛି ଦିନରୁ ଦେଖାଯାଉଥିବା ସାମାନ୍ୟ କିଡନୀ ସମସ୍ୟା ଏବେ ଠିକ୍ ହୋଇଛି । ପୋପ୍ ଫ୍ରାନ୍ସିନଙ୍କ ଫୁସଫୁସ ଫୁଲା ଜାରି ରହିଛି ଏବଂ ତାଙ୍କ ଛାତିର ସିଟି ସ୍କାନ ସାମାନ୍ୟ ରିକଭର ଦର୍ଶାଉଛି । ତାଜା ରକ୍ତ ପରୀକ୍ଷଣରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ଜଣାପଡିଛି ।

## ଦୁଇ ଦିନିଆ ଓଡ଼ିଶା ଗସ୍ତରେ ପହଂଚିଲେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡା

ଭୁବନେଶ୍ୱର, ୨୭ /୦୨ : ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ପହଂଚିଛନ୍ତି । ଆଜି ସନ୍ଧ୍ୟା ୭ଟାରେ ଭୁବନେଶ୍ୱରରେ ପହଂଚିବା ପରେ କୋଣାର୍କ ଯାଇ ରାତ୍ରୀଯାପନ କରଛନ୍ତି । ଆସନ୍ତାକାଲି ଶ୍ରୀ ନଡ୍ଡା ପୁରୀରେ ହେବାକୁ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାପରେ ଭୁବନେଶ୍ୱର ଫେରି ଦଳର ପ୍ରମୁଖ କାର୍ଯ୍ୟକର୍ତାଙ୍କ ସହ ଚର୍ଚ୍ଚା ଏବଂ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି ।

# କବି ଧନଞ୍ଜୟ ସ୍ୱାଇଁଙ୍କୁ ପ୍ରଥମ 'ହୋରାଇଜନ୍ ବୁକର୍ ଆୱାର୍ଡ଼-୨୦୨୫'



ବାଲେଶ୍ୱର, ତା୨୭/୦୨:(ନି.ପ୍ର) 'ପ୍ରଜାପତି' ଅନୁଷ୍ଠାନର ସାହିତ୍ୟ ଶାଖା 'ଅକ୍ଷର'ର 'ହୋରାଇଜନ୍' ଆମ ଓଡ଼ିଆ ଭାଷା ସାହିତ୍ୟ ସହିତ ଅନ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ଭାଷା ସାହିତ୍ୟକୁ ଛାତ୍ରଛାତ୍ରୀ ଏବଂ ପାଠକମାନଙ୍କ ସହିତ ଯୋଡ଼ିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। 'ହୋରାଇଜନ୍' ପକ୍ଷରୁ ଚଳିତବର୍ଷ ପ୍ରଥମ 'ହୋରାଇଜନ୍ ବୁକର୍ ଆୱାର୍ଡ଼-୨୦୨୫' କବି ଧନଞ୍ଜୟ ସ୍ୱାଇଁ ତାଙ୍କ କବିତା ପୁସ୍ତକ 'ତୁମ ଗାଁ ବର୍ଷା' ପାଇଁ ପାଇବାକୁ ମନୋନୀତ ହୋଇଛନ୍ତି। କବି ଶ୍ରୀ ସ୍ୱାଇଁଙ୍କର 'ମିଠା ଜହ୍ନରାତି', 'ଅଶିଣ ଜହ୍ନର ଗୀତ', 'ତୁମ ଗାଁ ବର୍ଷା', 'ଲୁହ ଲଫାପାର ଚିଠି' ଓ 'କଅଁଳ ଖରାର ଝୋଟି' ପ୍ରଭୃତି ୧୪ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଅଛି। ସେ ମଧ୍ୟ 'ପ୍ରଜାତନ୍ତ୍ର କବିତା ସମ୍ମାନ', 'ମାନସିଂହ କବିତା ସମ୍ମାନ' ଓ 'ଗୋକର୍ଣ୍ଣିକା ସାହିତ୍ୟ ସମ୍ମାନ' ଭଳି ଅନେକ ସମ୍ମାନର ଅଧିକାରୀ ଅଟନ୍ତି। ଓଡ଼ିଆ ଭାଷା ସାହିତ୍ୟ ବ୍ୟତୀତ ଅନ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ଭାଷା ସାହିତ୍ୟ ପ୍ରତି ତାଙ୍କର ରୁଚି ଓ ଶ୍ରଦ୍ଧା ରହିଅଛି। ମାର୍ଚ୍ଚ ୧୨ ତାରିଖ ସନ୍ଧ୍ୟାରେ 'ଆତିଥ୍ୟ ଭବନ'ରେ ଅନୁଷ୍ଠିତ ହେବାକୁ ଥିବା 'ହୋରାଇଜନ୍' ଉତ୍ସବରେ ତାଙ୍କୁ ନଗଦ ଅର୍ଥରାଶି ସହ ମାନପତ୍ର ଓ ଉପଢୌକନ ତଥା 'ହୋରାଇଜନ୍ ବୁକର୍ ଆୱାର୍ଡ଼-୨୦୨୫' ପ୍ରଦାନ କରାଯିବ। ଚଳିତବର୍ଷ ମଧ୍ୟ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଭାଷା ସାହିତ୍ୟ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା ପାଇଁ ପ୍ରଥମଥର ପାଇଁ 'ହୋରାଇଜନ୍ ଡ୍ରିମ୍-୨୦୨୫' ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଦୁଇଜଣ ଛାତ୍ରୀ ମନୋନୀତ ହୋଇଛନ୍ତି। ଅଷ୍ଟମଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ଆଦ୍ୟାଭାର୍ଗବୀଙ୍କୁ ତାଙ୍କ ଲିଖିତ ଇଂରାଜୀ କବିତା ପୁସ୍ତକ 'ଲାଇଫ୍ ଆରୋମା' ଓ ଏମ୍‌ବିଏ ଅଧ୍ୟୟନ କରୁଥିବା ଛାତ୍ରୀ ଜସ୍ମିନ୍‌ଜ୍ୟୋତିଙ୍କୁ ତାଙ୍କ ଲିଖିତ ଇଂରାଜୀ ଗଳ୍ପ ପୁସ୍ତକ 'ସେ ଇଏସ୍ ଟୁ ଲାଇଫ୍' ପାଇଁ ଏହି 'ହୋରାଇଜନ୍ ଡ୍ରିମ୍-୨୦୨୫' ପୁରସ୍କାର ପ୍ରଦାନ କରାଯିବ ବୋଲି 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ସୂଚନା ପ୍ରଦାନ କରିଛନ୍ତି।

# ବାଲେଶ୍ୱର ଓକିଲ ସଂଘର ଦୁଇଦିନିଆ ବାର୍ଷିକୋତ୍ସବ ଜିଲ୍ଲା ଜଜ୍‌ଙ୍କ କୋର୍ଟ ପରିସରରେ ପାଳିତ




ବାଲେଶ୍ୱର, ୨୭/୦୨ (ନି.ପ୍ର): ବାଲେଶ୍ୱର ଓକିଲ ସଂଘର ଦୁଇଦିନିଆ ବାର୍ଷିକୋତ୍ସବ ଜିଲ୍ଲା ଜଜ୍‌କୋର୍ଟଙ୍କ ପରିସରରେ ସଂଘର ସଭାପତି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ସଭାରେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ମାନ୍ୟବର ଶ୍ରୀଯୁକ୍ତ ବିଭୁପ୍ରସାଦ ରାଉତରାୟ ଓ ଅନ୍ୟତମ ଜଷ୍ଟିସ୍ ମାନ୍ୟବର ଶ୍ରୀଯୁକ୍ତ ଆନନ୍ଦ ଚନ୍ଦ୍ର ବେହେରା, ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଭାପତି ମାନ୍ୟବର ଶ୍ରୀଯୁକ୍ତ ସୀତାଂଶୁ ଶେଖର ଦ୍ୱିବେଦୀ, ଅନ୍ୟତମ ସଦସ୍ୟ ମାନନୀୟ ନୃସିଂହ ଚରଣ ନାୟକ, ବାଲେଶ୍ୱର ଜିଲ୍ଲା ଓ ଦୌରାଜଜ୍ ମାନନୀୟ ସତ୍ୟନାରାୟଣ ମିଶ୍ର, ଓ.ପି.ଆଇ.ଡି. ଜଜ୍ ମାନନୀୟ ବିଶ୍ୱଜିତ୍ ଦାସ ପ୍ରମୁଖ ଯୋଗ ଦେଇ "ଫୌଜଦାରୀ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଭାରତୀୟ ସମ୍ବିଧାନର ପୁନଃଅବଲୋକନ" ସଂପର୍କିତ ଏକ ସେମିନାର୍‌ରେ ନିଜନିଜର ସୁଚିନ୍ତିତ ମତ ପ୍ରଦାନ କରି ଫୌଜଦାରୀ ଆଇନ୍ ସମ୍ପର୍କିତ ଭାରତୀୟ ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ଆଇନ୍ ଓ ଅଧିକାର ସଂପର୍କରେ ଅନ୍ତର୍ନିହିତ ଥିବା ଆଇନ୍ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସଂପାଦକ ସମ୍ବିତ୍ କୁମାର ନନ୍ଦୀ ସଂପାଦକୀୟ ବିବରଣୀ ପାଠ କରିବା ସହ ନୂତନ ଜୁଡ଼ିସିଆଲ୍ ହବ୍ ଆଇ.ଟି.ଆଇ. ନିକଟସ୍ଥ ଜଳସେଚନ ବିଭାଗ ପରିସରରେ ନିର୍ମାଣ ହେବା ସଂପର୍କରେ ସଂଘର ବିଭିନ୍ନ ପଦକ୍ଷେପ, ତତ୍‌ପରେ ମାନ୍ୟବର ହାଇକୋର୍ଟଙ୍କ ଅନୁମୋଦନ ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ସାଧୁବାଦ ଜଣାଇଥିଲେ। ଏଥିସହ ଓକିଲମାନଙ୍କ ସାମ୍ବିଧାନିକ ଅଧିକାର ଏବଂ ନୂତନ ଭାବେ ଆସିବାକୁ ଥିବା କେନ୍ଦ୍ର ଆଇନ୍‌ରେ ଓକିଲ ବିରୋଧୀ ଧାରାର ସଂଶୋଧନ ପାଇଁ ଦାବି କରିଥିଲେ। ଏହି ଅବସରରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଇନ୍ ସେବା କରିଆସିଥିବା ସଂଘର ପ୍ରବୀଣ ୧୧ଜଣ ଆଇନ୍‌ଜୀବୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିବା ସହ ସଂଘର ସ୍ମରଣିକା 'Foot Prints' ଉନ୍ମୋଚନ କରି ଲୋକାର୍ପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ମଞ୍ଚଆହ୍ୱାନ ଏବଂ ଅତିଥିପରିଚୟ ପ୍ରଦାନ କରିଥିଲେ ଯୁବ ଆଇନଜୀବୀ କୁମାର କାଶ୍ୟପ, ବନ୍ଦନା ବିଶ୍ୱାଳ ଏବଂ ସହଯୋଗ କରିଥିଲେ କମିଟିର ସଦସ୍ୟ ଜିତେନ୍ଦ୍ର ଉପାଧ୍ୟାୟ, ପ୍ରଭାତ ଦାସ, ପିନାକୀ ଧୀର୍, ସଞ୍ଜୟ ଚୌଧୁରୀ, ବରେନ୍ଦ୍ର ସେଠୀ, ବାସନ୍ତୀଲତା ସାହୁ, ମମତା ବେହେରା, ଦେବାଶିଷ ପାତ୍ର, ଅକ୍ଷୟ ପାତ୍ର, ରାମଚନ୍ଦ୍ର ଜେନା, ଜ୍ଞାନରଞ୍ଜନ ପାଣି, ନିଶାନ୍ତ ପଟ୍ଟନାୟକ, ଦିଗମ୍ବର ମିଶ୍ର ଏବଂ ସଂଘର ଅନ୍ୟ ସଦସ୍ୟମାନେ। ଶେଷରେ ସଂଘର ଉପସଭାପତି ରଣଜିତ୍ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ସନ୍ଧ୍ୟା ୨ୟ ଦିବସର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଥିଲେ ଓଡ଼ିଶା ହାଇକୋର୍ଟର ମାନ୍ୟବର ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏବଂ ସଭାପତିତ୍ୱ କରିଥିଲେ ସଂଘର ସଭାପତି ରଘୁନାଥ ପ୍ରଧାନ। ସଂପାଦକ ସନ୍ଦୀପ କୁମାର ନନ୍ଦୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସହସଂପାଦକ ଜିତେନ୍ଦ୍ର କୁମାର ଉପାଧ୍ୟାୟ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଜଷ୍ଟିସ୍ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, "ଭାରାକ୍ରାନ୍ତ ଜୀବନଚର୍ଯ୍ୟାର ପ୍ରବହମାନ ଧାରାରେ ଅତିକ୍ରାନ୍ତ ନିରସ ମନକୁ ସରସ ସୁନ୍ଦର କରିବା ପାଇଁ ନାଟକ ପରିବେଷଣ ଓ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ଆଜିର ସମୟର ଏକ ଜରୁରୀ ଆବଶ୍ୟକତା ଅଟେ। ସଂଗଠିତ ଭାବେ ସଂଘର ସଦସ୍ୟମାନେ ଏହା କରୁଥିବାରୁ ସେମାନଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ହୁଏ।" ତତ୍‌ପରେ ବାଲେଶ୍ୱର ଓକିଲସଂଘର ବିଜୟୀ କ୍ରିକେଟ୍ ଟିମ୍‌ର ସମସ୍ତ ସଦସ୍ୟ, ସ୍ମରଣିକା କମିଟି ସଂପାଦନା ମଣ୍ଡଳୀର ସମସ୍ତ ସଦସ୍ୟ ଓ ସଂଘର ବାର୍ଷିକ ଆୟବ୍ୟୟର ଅଡିଟ୍ ଟିମ୍‌ର ସଦସ୍ୟମାନଙ୍କୁ ଅତିଥି ମାନପତ୍ର ଦେଇ ସମ୍ମାନିତ କରିଥିଲେ। ତତ୍‌ପରେ ସଂଘର ସଦସ୍ୟମାନଙ୍କ ଦ୍ୱାରା ଏକ ବାସ୍ତବଧର୍ମୀ ନାଟକ 'ସୂର୍ଯ୍ୟ ତୃଷ୍ଣା' ମଞ୍ଚସ୍ଥ ହୋଇଥିଲା।

## ବସ୍ତା ଅଞ୍ଚଳର ଶୌବପିଠ ଚଳଚଞ୍ଚଳ

ବସ୍ତା ୨୭।୨(ନି.ପ୍ର) ବସ୍ତା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଶୌବପିଠ ଚଳଚଞ୍ଚଳ ଦେଖିବାକୁ ମିଳିଛି । ବସ୍ତାଥାନା ଅଧିନସ୍ଥ କୁଡିଆପଞ୍ଚାୟତ କୁଡିଆବାବା ଖଗେଶ୍ୱର ଶୌବପିଠରେ ଶହଶହ ଶ୍ରଦ୍ଧାଳୁ ପୁଜାର୍ଚ୍ଚନା କରି ନିଜନିଜର ମାନସିକ କରି ଭୋଳାନାଥଙ୍କ ନିକଟରେ ଦୀପ ଜାଳିଥିଲେ । ଶାନ୍ତି କମିଟିର ସଦସ୍ୟ ସଂଜୟ କୁମାରପାତ୍ର ସଂଜତ ସାହୁ , ରଂଜନକୁମାର ମହାପାତ୍ର, ପଙ୍କଜ ପାତ୍ର ଅଭିଲାସ ମହାପାତ୍ର, ତପୁ ସାହୁ, ଜଗଦୀଶ କୁମାର ଜେନା, ଜୀବନ ମହାପାତ୍ର ନିତ୍ୟାନନ୍ଦ ନାୟକ, ହରିଶଙ୍କର ସାହୁ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ । ତାପଣ୍ଡା ମେଳକରେ ବାବା ତପେଶ୍ୱର ମହାଦେବ ପୀଠରେ ରମେଶ ରାଉଳ, ପ୍ରତାପ ରାଉତ, ଅନିରୁଦ୍ଧ ଗାଁଣ, କମଳାକାନ୍ତ ରାଉତ, ପ୍ରାଣକୃଷ୍ଣ ବାଗ, କାଶିନାଥ ରାଉତ, ବସନ୍ତ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ହିରଣ୍ୟ ବିଶ୍ୱାଳ, ସୁଧାକର ସାହୁ, ବରେନ୍ଦ୍ର ସାହୁ, ଉତ୍ତମ ପ୍ରଧାନ ଓ ଦୁଇଗାଁ ର ଗ୍ରାମବାସୀ ସହଯୋଗ କରିଥିଲେ । ସେହିପରି ବାହାର୍ଦ୍ଦା ବାବା ରୁଦ୍ରେଶ୍ୱରରେ ଅରୁଣ କୁମାର ଘୋଷଙ୍କ ତତ୍ୱବଧାନରେ ଧିରେନ ସେଠୀ, ତ୍ରିଲୋଚନ ପ୍ରଧାନ, କାର୍ତ୍ତିକ ଘୋଷ, ବେଣୁଧର ପରିଡା, ପ୍ରଦୀପ ବିଶ୍ୱାଳ, ସମେତ ଗ୍ରାମବାସୀ ପରିଚାଳନା କରିଥିଲେ । ସାନଖୁଡି ବାବା ମୁକ୍ତେଶ୍ୱର ଶୌବପିଠରେ ଶ୍ରଦ୍ଧାଳୁ ମାନେ ମନ୍ଦିର ପରିସରରେ ୫ଶହରୁ ଉର୍ଦ୍ଧ ଶ୍ରଦ୍ଧାଳୁ ପୁଜାଇନା କରୀ ସଂଧାରେ ଦୀପ ପ୍ରଜ୍ୱଳିତ କରିଥିଲେ । ଶାନ୍ତି କମିଟିର ସଭାପତି ସୁଭେନ୍ଦୁ ଦାସ, ମଧୁସୁଦନ ଦାସ, ଅଜୟ ମହାନ୍ତି, ରବିନ୍ଦ୍ର ଦାସ, ଜୀବନକୁମାର ପାତ୍ର ଛଚିନ୍ଦ୍ର ପାତ୍ର ଶ୍ରୀଯୁକ୍ତ ଦେବବ୍ରତ ମହାପାତ୍ର, ଅଞ୍ଜନକୁମାଦେ କିଶୋର ପାଳ ନରେନ୍ଦ୍ର ପାତ୍ର ସମେତ ଗ୍ରାମବାସୀ ପରିଚାଳନାକରିଥିଲେ । ସିଦ୍ଧେଶ୍ୱର ଶୌବପିଠରେ ଶାନ୍ତି କମିଟିର ସଦସ୍ୟ ରତିକାନ୍ତ ଜେନା, ଦେବେନ୍ଦ୍ର ବେହେରର, ସଂଜୟ ମହାପାତ୍ର, ଅରୁଣ ଓଝା, ଅଶୋକ ଦାସ ପ୍ରମୂଖ ପରିଚାଳନା କରିଥିଲେ । ପ୍ରତ୍ୟେକ ଶୌବ ପିଠରେ ବସ୍ତା ପୁଲିସ ପକ୍ଷରୁ କର୍ମଚାରୀ ସଜାଗ ଅଛନ୍ତି ।

# ଦୁଇଜଣ ଯୁବକଙ୍କୁ ଧକ୍କାଦେଇ ସ୍କୁଟି ସମେତ ପାଖାପାଖି ଶହେମିଟର ଘୋଷାଡି ନେବା ଘଟଣାରେ ମାମଲା

ବେତନଟୀ, ୨୭/୨(ନି.ପ୍ର): ବେତନଟୀ ଥାନା ଦାନ୍ତିଆମୁହା ଉପକଣ୍ଠ ବଡଜାମବଣି ଛକରେ ତେଲ ସରିଯିବାରୁ ସ୍କୁଟିକୁ ଗଡାଇ ଗଡାଇ ଯାଉଥିବା ଦୁଇଜଣ ଯୁବକଙ୍କୁ ଧକ୍କାଦେଇ ସ୍କୁଟି ସମେତ ପାଖାପାଖି ଶହେମିଟର ଘୋଷାଡି ନେବା ଘଟଣାରେ ବୁଧବାର ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ପୁଲିସ । ଏତଲାକାରୀ କେନ୍ଦୁଛାଟିଆ ଗ୍ରାମର ଭୁଟୁ ଦେହୁରୀର ଅଭିଯୋଗ ମୁତାବକ ଗାଁ ସ୍କୁଲର ଶିକ୍ଷକ ରମାକାନ୍ତ କର୍ମକାରଙ୍କ ନାମରେ ପଞ୍ଜୀକୃତ ଓଡି-୧୧ଏଚ-୦୩୮୦ ନମ୍ବର ବିଶିଷ୍ଟ ସ୍କୁଟିକୁ ରାସ୍ତାରେ ଗଡାଇ ଗଡାଇ ଯାଉଥିବା ବେଳେ ଓଡି-୩୪ଏସ-୦୭୧୫ ନମ୍ବର ବିଶିଷ୍ଟ ଦୃତଗାମୀ ମାଲବାହୀ ଗାଡିଟି ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସ୍କୁଟି ସମେତ ଜଣେ ଯୁବକଙ୍କୁ ଦୃତଗାମୀ ମାଲବାହୀ ଗାଡିଟି ପାଖାପାଖି ଶହେ ମିଟର ଘୋଷାଡି ନେଇଥିଲା । ଦୁର୍ଘଟଣାରେ ଏତଲାକାରୀ ଭୁଟୁ ଦେହୁରୀଙ୍କ ପୁଅ କାହ୍ନା ଦୂରକୁ ଛିଟିକିପଡି ସାମାନ୍ୟ ଆହତ ପୂର୍ବକ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଅଜୟ ଦେହୁରୀଙ୍କ ପୁଅ ଶ୍ୟାମ ଦେହୁରୀ ଆଜକୁ ୮ଦିନ ହେବ କଟକ ବଡ ଡାକ୍ତରଖାନାର ଆଇସିୟୁରେ ଚିକିତ୍ସାଧୀନ ରହିଛନ୍ତି । ଭୁଟୁ ଦେହୁରୀଙ୍କ ଏତଲଭାକ୍ରମେ ବେତନଟୀ ପୁଲିସ ୫୬ ନମ୍ବରରେ ମାମଲା ରୁଜୁକରି ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଯାଜପୁର ଅଞ୍ଚଳର ମାଲବାହୀ ଗାଡିକୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି ।

# ଜବତ ଚିଟଫଣ୍ଡ କମ୍ପାନିର ସମ୍ପତ୍ତି କୁ ସୁରକ୍ଷା ଦେବାରେ ବିଫଳ ସିବିଆଇ : କୋଟିକୋଟି ଟଙ୍କାର ସମ୍ପତ୍ତି ନଷ୍ଟ



ବେତନଟୀ,୨୭/୨(ନି.ପ୍ର) : ରାଜ୍ୟର ବହୁଚର୍ଚ୍ଚିତ ଚିଟଫଣ୍ଡ ମାମଲା ଏବେ ସିବିଆଇ ଅଧୀନରେ ରହିଥିବା ବେଳେ ସିବିଆଇ ମଧ୍ୟ ସମ୍ପତ୍ତି ଗୁଡିକୁ ଜବତ କରିଛି। ତେବେ କୋଟିକୋଟି ଟଙ୍କାର ମୂଲ୍ୟବାନ ଜବତ ସମ୍ପତ୍ତି କୁ ସୁରକ୍ଷା ଦେବାରେ ସିବିଆଇ ବିଫଳ ହୋଇଥିବା ବେଳେ ବେତନଟୀ ବ୍ଲକ ରେ ଥିବା ଏକାଧିକ ଚିଟଫଣ୍ଡ କମ୍ପାନିର ସମ୍ପତ୍ତି କୁ ଲୁଟେରା ହଜମ କରିସାରିଥିବା ବେଳେ ପଡିରହିଥିବା ଜମିରୁ ମାଟି ଏବଂ ମୋରମ ସୁ ଲୁଟି ସାରିଲେଣି । ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ତହସିଲ ଅଧୀନ ଯୁଗୋଳ ଛକର ୧୮ନମ୍ବର ଜାତୀୟରାଜପଥ ପାର୍ଶ୍ୱରେ ଦୁର୍ଗାପୁର ମୌଜାର ଖାତାନଂ ୧୮୧/୯ରେ ପ୍ଲଟନ ୨୯୪/୩୦୧/୨୯୩ ରେ ଚିଟ୍‌ଫଣ୍ଡ କମ୍ପାନୀ କୋଲିକତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ ରହିଛି ୩ ଏକର ୮୫ ଡେସିମିଲ ଜମି । ଏହି ଜମିକୁ ୨୦୦୯ ମସିହାରେ ଦାଖଲ ଖାରଜ କେସ ନମ୍ବର ୯୪୫/୦୯ ମୁତାବକ ୨୭ନମ୍ବର ଖାତାରୁ ୪୫ ଡେସିମିଲ ଜମି ଏବଂ ଦାଖଲ ଖାରଜ କେସ ନମ୍ବର ୯୪୬/୦୯ ମୁତାବକ ୬୫ ନମ୍ବର ନିଲାମ କେବେ ହେବ ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖାତାରୁ ୩ ଏକର ୪୦ ଡେସିମିଲ ଜମି ଏହିଭଳି ମୋଟ ୩ ଏକର ୮୫ ଡେସିମିଲ ଜମି କୋଲକାତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ କିଣାଯାଇଥିଲା । ପରବର୍ତ୍ତି ମୁହୂରରେ ୨୦୧୦ ମସିହାରେ ଓଏଲ୍‌ଆର କେସନ ୧୪୮/୧୦ ଅନୁଯାୟୀ ପ୍ଲଟ ନମ୍ବର ୨୯୪/୩୦୧ ଏବଂ ୨୯୩ରେ ଏହି ସମୁଦାୟ ଜମିକୁ ଘରବାଡିରେ ପରିଣତ କରାଯାଇଥିଲା । ରାଜ୍ୟରେ ଚିଟ୍‌ଫଣ୍ଡ କମ୍ପାନୀ ମାମଲା ସରଗରମ ହେବାପରେ ପ୍ରଥମେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଥିବା ବେଳେ ପରବର୍ତ୍ତି ମୁହୂର୍ତ୍ତରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ସେତେବେଳେ ସିବିଆଇ ଚିଟ୍‌ଫଣ୍ଡ କମ୍ପାନି ଗୁଡିକର ରାଜ୍ୟରେ ରହିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ କରିଥିଲା। ଇତି ମଧ୍ୟରେ ସିବିଆଇ ଜବତ କରିଥିବା କୋଲିକାତା ଓୟାର ଇଣ୍ଡଷ୍ଟ୍ରିଜର ଯୁଗୋଳ ଛକରେ ଥିବା ଜମିକୁ ସୁରକ୍ଷା ଦିଆଯାଇ ନପାରିବାରୁ ଚୋରମାନେ ବର୍ଷବର୍ଷ ଧରି ଏହାର ଝରକା, କବାଟ, ଲୁହାଟୀଣ, ବଡବଡ ଲୁହାର ଫାଟକ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରିକରି ନେଇ ଗଲେଣି । ଶେଷରେ ଘରରେ ଥିବା ଇଟାକାନ୍ଥରୁ ଇଟା ମଧ୍ୟ ଯାହାର ଯେମିତି ଆବଶ୍ୟକ ପଡିଲା ଖୁଲୁମ ଖୁଲ୍ଲା ନେଇଗଲେ । ବର୍ତ୍ତମାନ ସେଠାରେ ଏକ ଭଙ୍ଗାଘର ଓ ଭଙ୍ଗା ପାଚେରି ଆବଦ୍ଧ କେବଳ ଜମି ପଡିରହିଛି । ୧୮ନମ୍ବର ଜାତୀୟରାଜପଥ ପାର୍ଶ୍ୱରେ ଥିବା କୋଟିକୋଟି ଟଙ୍କା ମୂଲ୍ୟର ଏହି ଜମିରୁ କିଛିବର୍ଷ ହେବ ମୋରମ ଏବଂ ମାଟି ଉତ୍ତୋଳନ ପ୍ରକ୍ରିୟା ଚାଲୁରହିଛି। ଫଳରେ ମୂଲ୍ୟବାନ ଜମି ନିଜର ମହତ୍ତ୍ୱ ଓ ମୂଲ୍ୟ ହରାଇବାକୁ ବସିଲାଣି ।

# ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢାଇବା ଲକ୍ଷ୍ୟ : ଧର୍ମେନ୍ଦ୍ର ପ୍ରଧାନ




ପଡ଼ିଆବାହାଲ, ୨୭/୦୨ (ନି.ପ୍ର): – କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନର ସରକାରରେ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନଏଚଡିପି) ସମେତ ବିଭିନ୍ନ ଯୋଜନାରେ ସମ୍ବଲପୁର ଜିଲ୍ଲାର ବୁଣାକାରଙ୍କୁ ପ୍ରଶିକ୍ଷଣ, ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ଉପଯୁକ୍ତ ବଜାର ଯୋଗାଇ ସେମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବାର ଲକ୍ଷ୍ୟ ରଖାଯାଇଛି । ମୂଳତଃ ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢାଇବା ଆମର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାର ପଡ଼ିଆବାହାଲ ବୁଣାକାର ଗ୍ରାମ ବଡତୁରଙ୍ଗ ଠାରେ ଭାରତ ସରକାରଙ୍କ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବୁଣାକାର ଓ ହସ୍ତତନ୍ତ କାରିଗରମାନଙ୍କୁ ସହାୟକ ହେବା ଭଳି ଉପକରଣ ବିତରଣ କରିଛନ୍ତି। ସମର୍ଥ ବୁଣା ପ୍ରଶିକ୍ଷଣ ସାର୍ଟିଫିକେଟ, ହସ୍ତତନ୍ତ ବିକାଶ ସହାୟତା, ଲୁମ୍, ଲାଇଟିଂ ୟୁନିଟ୍ ଆଦି ସହାୟତା ସେମାନଙ୍କୁ ପ୍ରଦାନ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ବୁଣାକାର ଭାଇ ଭଉଣୀମାନଙ୍କ ପରିଶ୍ରମକୁ ସ୍ୱୀକୃତି ଦେବାର ଏକ ନିଆରା ପଦକ୍ଷେପ । ଏହି ପଦକ୍ଷେପ ଦ୍ୱାରା ହସ୍ତତନ୍ତ ଓ ବୟନଶିଳ୍ପର ଉଭୟ ଉତ୍ପାଦନ ଓ ଚାହିଦା ବଢିବ । ବୁଣାକାର ତଥା ହସ୍ତତନ୍ତ କାରିଗରଙ୍କ ମାନଙ୍କର ରୋଜଗାର ବଢିବ ।ସେମାନଙ୍କ ପ୍ରତିଭା ଲୋକାଦୃତ ହେବା ସହ ଆର୍ଥିକ ଦୃଷ୍ଟିରୁ ସେମାନେ ସମ୍ପନ୍ନ ହେବେ । ସମ୍ବଲପୁର ସମେତ ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି ଓ ବଲାଙ୍ଗୀର ଆଦି ଜିଲ୍ଲାରେ ବୁଣାକାରମାନଙ୍କ ସଂଖ୍ୟା ଅଧିକ । ଓଡ଼ିଶାର ବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦେବାର ଯୋଜନା ହେବ । ସେମାନଙ୍କୁ ବ୍ୟବସାୟ ସହ ଯୋଡାଯିବ । ଭାରତ ସରକାର ଓ ରାଜ୍ୟ ସରକାର ଏଥିରେ ସହଯୋଗୀ ହେବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଆମର ବୁଣାକାର ଭାଇ ଭଉଣୀମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ବଦ୍ଧ ପରିକର । ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ପିଏମ ସୂର୍ଯ୍ୟଘର ଯୋଜନା ସମେତ ରାଜ୍ୟ ସରକାରଙ୍କ ସୁଭଦ୍ରା ଓ ଅନ୍ୟାନ୍ୟ କୃଷି ଭିତ୍ତିକ ଯୋଜନା ଉପରେ ଆଲୋକପାତ କରିବା ସହ ବଡତୁରଙ୍ଗକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଏହି ଗ୍ରାମରେ ଥିବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଜିଲ୍ଲାରୁ ଶିରିଡି -ନାସିକ ଅଭିମୁଖେ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ କଲେ ୧୮୪ଜଣ ବରିଷ୍ଠ ନାଗରିକ

ବାରିପଦା : ତ୨୭/୦୨(ନି.ପ୍ର): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁ ମାନେ ଆର୍ଥିକ ଦୃଷ୍ଟି ରୁ ଦୁର୍ବଳ ତଥା ଅନ୍ୟାନ୍ୟ ଅକ୍ଷନୁସଙ୍ଗିକ ସମସ୍ୟା ହେତୁ ତୀର୍ଥ ଯାତ୍ରା ରୁ ବଂଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି ଏବଂ ରାଜ୍ୟ ସରକାର ଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହବା ସହିତ ସେମାନଙ୍କ ମନରେ ଆନନ୍ଦ, ଉତ୍ସାହ ଆଣିଦେଇପାରିଛି । ଚଳିତ ବର୍ଷ ଓଡିଶା ସରକାର ଙ୍କ ପର୍ଯ୍ୟଟନ ବିଭାଗ ଓ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ୧୮୪ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇ ଗତକାଲି ୪ଘଟିକା ସମୟରେ ବାରିପଦା ସ୍ଥିତ ଷ୍ଟାଡିଅମ ବାରିପଦା ଠାରୁ ଶିରିଡି-ନାସିକ ଅଭିମୁଖେ ତୀର୍ଥ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଶ୍ରୀମତୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ବାରିପଦା ଶ୍ରୀ ପ୍ରକାଶ ସୋରେନ, ମାନ୍ୟବର ବିଧାୟକ ସାରସକଣା ଶ୍ରୀ ଭାଦବ ହାଁସଦା, ମୟୁରଭଞ୍ଜ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରା ନନ୍ଦ ମଲ୍ଲିକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଫୁଲମାଳ ପିନ୍ଧାଇ ସମ୍ମାନ ଭରା ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପାଇଁ ଏହି ଆଧ୍ୟାତ୍ମିକ ତୀର୍ଥ ଯାତ୍ରାର ସଫଳ ଓ ଶୁଭପ୍ରଦ ହେବା ନେଇ ମଙ୍ଗଳ କାମନା କରିବା ସହିତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପ୍ରକାଶ ଥାଉକି ସମ୍ପୃକ୍ତ ବ୍ଲକ ପ୍ରଶାସନ ତରଫରୁ ସେମାନଙ୍କୁ ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନ କନଫରେନ୍ସ ହଲ ନିକଟରେ ପହଞ୍ଚା ଯିବା ପରେ ସେମାନଙ୍କ ଯାତ୍ରା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ଔପଚାରିକ ବ୍ୟବସ୍ଥାକୁ ସମ୍ପନ୍ନ କରାଯିବା ପରେ ୦୫ ଗୋଟି ବସ ଯୋଗେ ଦାୟିତ୍ୱସମ୍ପନ୍ନ ୫ ଜଣ ନୋଡାଲ ଅଧିକାରୀ ଙ୍କ ତତ୍ତ୍ୱବଧାନରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ବାଲେଶ୍ୱର ଠାରେ ରାତ୍ର ରହଣି ପରେ ଆସନ୍ତା କାଲି ତା ୨୭-୦୨-୨୦୨୫ରିଖ ସେମାନେ ସ୍ୱତନ୍ତ୍ର ଟ୍ରେନ ଯୋଗେ ଶିରିଡି ଓ ନାସିକ ଅଭିମୁଖେ ଯାତ୍ରା କରିବେ. ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଯୁକ୍ତ ହୋଇଥିବା ୫ ଜଣ ନୋଡାଲ ଅଧିକାରୀ ଯାତ୍ରା ସମୟରେ ନିୟମିତ ସମୟ ବ୍ୟବଧାନରେ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରିବା ସହିତ ହ୍ୱାଟସଆପ୍ ଗ୍ରୁପ ଜରିଆରେ ଫୋଟ ଓ ତଥ୍ୟ ଅବଗତ କରାଇବେ । ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ହେଲାପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନ କୁ ୦୪-୦୩-୨୦୨୫ ରିଖ ପ୍ରତ୍ୟାବର୍ତନ କରିବେ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ବସ ଯୋଗେ ସେମାନଙ୍କୁ ପୁଣି ବାଲେଶ୍ୱର ରୁ ବାରିପଦା ଅଣାଯିବ ଏବଂ ବାରିପଦାରେ ପହଂଚିବା ପରେ ସମ୍ପୃକ୍ତ ବ୍ଲକ ପ୍ରଶାସନ ଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ଅନୁସାରେ ସେମାନଙ୍କୁ ନିଜ ନିଜ ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ ।

# ଉପବାସ ରୂପୀ ପ୍ରାର୍ଥନା ଆନ୍ଦୋଳନର ମୂଲ୍ୟ ରଖୁନାହାଁନ୍ତି ସରକାର




ଭୁବନେଶ୍ୱର, ୨୭/୦୨ (ନି.ପ୍ର): ସରକାରୀ ନିୟମ ଅନୁଯାୟୀ ମଣ୍ଡିରେ ଧାନ କିଣା ଏବଂ ଗରିବ ମଧ୍ୟବିତ୍ତ ଧାନକୁ ମିଲରମାନେ ଯେଭଳି ଭାବରେ ସମବାୟ ସଂପାଦକ ଓ ଧାନ ବ୍ୟବସାୟୀଙ୍କ ଦଲାଲଙ୍କୁ ଧରି ଆଖି ବୁଜି ଲୁଟିଛନ୍ତି। ଏହାର ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆଜକୁ ୧୨ ଦିନ ହେଲା ଅନଶନ ଚଳାଇଛନ୍ତି। ଅନଶନରତ ଶ୍ରୀ କୁମାରଙ୍କୁ ଇତି ମଧ୍ୟରେ ଜଣାଶୁଣା ସମାଜ କର୍ମୀ, ଶ୍ରମିକ ନେତା, ପୂର୍ବତନ ମନ୍ତ୍ରୀ, ସାମ୍ବାଦିକ, ଶିକ୍ଷାବିତ୍ ପ୍ରମୁଖ ଭେଟି ସମର୍ଥନ ଜଣାଇଛନ୍ତି। ଶ୍ରୀ କୁମାରଙ୍କ ଯୁକ୍ତି ଯେ, ଆମେ ଧାନ କିଣା ଅବ୍ୟବସ୍ଥାର ମହାଲୁଟ୍ ବିସଙ୍ଗତି ନେଇ ସରକାରଙ୍କୁ ପ୍ରତ୍ୟେକ ସ୍ତରରେ ଆମେ ସବିନୟ ଆଇନ୍ ଅମାନ୍ୟ ମାଧ୍ୟମରେ ଅବଗତ କରାଇଛୁ। କିନ୍ତୁ, ମିଲରମାନଙ୍କ ଲବିରେ ଯୋଗାଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ କେତେ ଯେ, ଅସହାୟ ତାହା ଆମେ ଦେଖି ଲଜ୍ଜିତ ହୋଇଛୁ। ଦେଶର ଅନ୍ନଦାତା ପ୍ରତି ହେଉଥିବା ଏହି ଭୟଙ୍କର ଲୁଣ୍ଠନରେ ରାଷ୍ଟ୍ର ବ୍ୟବସ୍ଥା ସଂପୂର୍ଣ୍ଣ ନିଷ୍କ୍ରିୟ ରହିବା ଅତ୍ୟନ୍ତ ଅସାମ୍ବିଧାନିକ ଓ କୃଷକ ବିରୋଧି। ଯେଉଁମାନେ ଚାଷୀର ଭୋଟରେ ଓ ଚାଷୀର ଭାତରେ ପ୍ରତିପାଳିତ ସେହି ପ୍ରଶାସନ ଓ ଶାସନ ଚାଷୀର ପକ୍ଷନେଇ ତାକୁ ନ୍ୟାୟ ପ୍ରଦାନ ନକରିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ସରକାରଙ୍କୁ ସଚେତନ ଓ କ୍ରିୟାଶୀଳ କରାଇବା ସହ ଧାନ ଚୋରିରେ ଜଡ଼ିତ ମିଲର ପ୍ରଶାସକ ଓ ରାଜନେତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏହି ଉପବାସ ରୂପୀ ସତ୍ୟାଗ୍ରହ ଅଭିପ୍ରେତ। ବ୍ରିଟିଶ ଭଳି ମହାଶକ୍ତିଶାଳି ଶାସନ ବିରୁଦ୍ଧରେ ଯେଉଁ ଉପବାସ ବ୍ରତ ମନ୍ତ୍ର ଭଳି କାମ କରିଥିଲା ତାହା ଏଠାରେ ମଧ୍ୟ କାମ ହେବ ବୋଲି ଶ୍ରୀ କୁମାର ଆଜି ଉପସ୍ଥିତ ସାଥିମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଯେପର୍ଯ୍ୟନ୍ତ ସରକାର ଆଲୋଚନାକୁ ଆସି ଏହାର ନିଷ୍କର୍ଷ ବାହାର କରିନାହାନ୍ତି ସେ ପର୍ଯ୍ୟନ୍ତ ଉପବାସ ପ୍ରକ୍ରିୟା ଚାଲୁ ରହିବ ବୋଲି ଶ୍ରୀ କୁମାର କହିଛନ୍ତି। ଆଜିର ଅନଶନରେ ରାଜ୍ୟ କମିଟି ସଦସ୍ୟ ଡା. କୁଳମଣୀ, ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଯୁବଛାତ୍ର ରାଜ୍ୟ ସଂଯୋଜକ ଏମ୍. ଡ଼ି. ମନୱର ଅଲ୍ଲୀ, ରାଜ୍ୟ କମିଟି ସଦସ୍ୟ ରଣଜିତ୍ ପଟ୍ଟନାୟକ, ବିଚିତ୍ର ବିଶ୍ୱାଳ, ସସ୍ମିତା ଜେନା, ଲିଜା ବିଶ୍ୱାଳ, ଧନଞ୍ଜୟ ଜେନା, ସୀତାଂଶୁ ଶେଖର ମହାରଣା, ସଙ୍ଗୀତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଶିବ ଧର୍ମ

ଡଃ.ଅରୁନ୍ଧତୀ ଦେବୀ



ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ । ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ । ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ । ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ । ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ । ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ ।

ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ । ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ । ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ । ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି । ବ୍ରତ ଅର୍ଥ ନିୟମ । ପୁରାଣରେ ବ୍ରତ - ଧର୍ମ ଅଟେ । ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧ୍ୟଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ । ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ । ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧ୍ୟାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ରତୀ ନିମିତ୍ତ ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ । କେବଳ ଅନଶନ କରିବାକୁ ଉପବାସ କୁହାଯାଏନା । ଜାଗରଣ-ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି । 'ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ' ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରୀ, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ । ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ । ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ । ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ । ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ । ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧ୍ୟାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି । ତେଣୁ - ''ଶୁନ୍ୟ ଶୁନ୍ୟ ମହାଶୁନ୍ୟ ଶୁନ୍ୟ ମଧ୍ୟ ନିରାମୟ, ନିରାମୟ ମଧ୍ୟେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ'' ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ । ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା । ''ଅସତୋମାଂ ସଦ୍‌ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ'' ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
(ମୋ): ୯୯୩୭୧୭୨୮୧୦

# ସୋମନାଥ ମନ୍ଦିର





ଗୁଜୁରାଟସ୍ଥିତ ସୋମନାଥ ମନ୍ଦିର ଭଗବାନ ଶିବଙ୍କର ୧୨ ଜ୍ୟୋତିଲିଙ୍ଗ ମଧ୍ୟରେ ପ୍ରମୁଖ ବୋଲି ମାନ୍ୟତା ରହିଛି । ଏହୀ ମନ୍ଦିରର ନିର୍ମାଣରେ ଅନେକ ଧାର୍ମିକ ଓ ପୌରାଣିକ କାହାଣୀ ଜଡ଼ିତ । ଏହି ମନ୍ଦିରର ନିର୍ମାଣ ଚନ୍ଦ୍ର ଦେବ ସୋମରାଜ କରିଥିଲେ ଓ ଏହାର ବର୍ଣ୍ଣନା ରଗବେଦରେ ମଧ୍ୟ ରହିଛି ।

ସୋମନାଥ ମନ୍ଦିର ଅତ୍ୟନ୍ତ ସମୃଦ୍ଧ ଓ ବୈଭବଶାଳୀ ହୋଇଥିବାରୁ ଅନେକବାର ପର୍ତ୍ତୁଗୀଜ ଓ ମୁସଲିମ ଆକ୍ରମଣକାରୀଙ୍କ ଦ୍ୱାରା ଭଙ୍ଗାଯାଇ ହିନ୍ଦୁ ରାଜାମାନଙ୍କ ଦ୍ୱାରା ପୁନଃନିର୍ମାଣ କରାଯାଇଥିଲା । ବର୍ତ୍ତମାନର ସୋମନାଥ ମନ୍ଦିର ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ପୁନଃ ନିର୍ମାଣ ପ୍ରାଚୀନ ହିନ୍ଦୁ ବାସ୍ତୁକଳା ଓ ଚାଲୁକ୍ୟ ବାସ୍ତୁଶୈଳୀ ଦ୍ୱାରା କରାଯାଇଛି । ଲୋକଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏହି ପବିତ୍ର ସ୍ଥଳରେ ନିଜ ଶରୀର ତ୍ୟାଗ କରିଥିଲେ । ଗୁଜୁରାଟର ପଶ୍ଚିମତଟର ସୌରାଷ୍ଟ୍ରରେ ବେରାବଲ ବନ୍ଦର ପାର୍ଶ୍ୱରେ ପ୍ରଭାସ ପାଟନରେ ସ୍ଥିତ ଏହି ମନ୍ଦିର ଇତିହାସର ଉତଥାନ ଓ ପତନର ପ୍ରତୀକ । ୧୯୫୧ ମସିହାରେ ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିରରେ ଜ୍ୟୋର୍ତିଲିଙ୍ଗଙ୍କ ସ୍ଥାପନା କରାଯାଇଥିଲା । ୧୯୬୨ ମସିହାରେ ଭଗବାନ ଶିବଙ୍କୁ ସମର୍ପିତ ଏହି ହିନ୍ଦୁ ପବିତ୍ର ଧାମ ପୂର୍ଣ୍ଣରୂପରେ ନିର୍ମିତ ହୋଇଥିଲା । ୧୯୯୫ ମସିହା ଡିସେମ୍ବର ୧ତାରିଖରେ ପୂର୍ବ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଏହି ପବିତ୍ର ତୀର୍ଥଧାମକୁ ସାଧାରଣ ଜନତାଙ୍କ ନିମନ୍ତେ ସମର୍ପଣ କରି ଦେଇଥିଲେ । ବର୍ତ୍ତମାନ ଲକ୍ଷାଧିକ ଲୋକଙ୍କର ଏହା ଅସ୍ଥାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଧାର୍ମିକ ଶାସ୍ତ୍ର ଓ ଗ୍ରନ୍ଥ ଅନୁସାରେ ଭାରତର ପ୍ରମୁଖ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ଏହି ସୋମନାଥ ମନ୍ଦିରକୁ ସ୍ୱୟଂ ଚନ୍ଦ୍ରଦେବ ଅର୍ଥାତ ସୋମ ଭଗବାନ ନିର୍ମାଣ କରିଥିଲେ । ଚନ୍ଦ୍ର ଦେବ ରାଜା ଦକ୍ଷ ପ୍ରଜାପତିଙ୍କର ସମସ୍ତ ୨୭ ପୁତ୍ରୀଙ୍କୁ ବିବାହ କରିଥିଲେ ଚନ୍ଦ୍ର ଦେବଙ୍କ ସମସ୍ତ ପତ୍ନୀଙ୍କ ମଧ୍ୟରୁ ରୋହିଣୀ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ଚନ୍ଦ୍ରଦେବ ତାଙ୍କୁ ଅଧିକ ଭଲ ପାଉଥିଲେ । ତେଣୁ ପୁତ୍ରୀମାନଙ୍କ ମଧ୍ୟରେ ଭେଦଭାବ ଦେଖି ରାଜା ଦକ୍ଷ ପ୍ରଜାପତି ସେ ଚନ୍ଦ୍ରଦେବଙ୍କୁ କ୍ଷୟଗ୍ରସ୍ତ ହେବାର ଅଭିଶାପ ଦେଇଥିଲେ । ଏହାପରେ ସେ ଭଗବାନ ଶିବଙ୍କୁ କଠୋର ଆରାଧନା କଲେ । ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଅମରତ୍ୱ ବର ପ୍ରଦାନ କଲେ, ଯାହାଦ୍ୱାରା ରାଜା ଦକ୍ଷଙ୍କର ଶାପରୁ ମୁକ୍ତି ମିଳିଲା ଓ ଏହା ସହିତ କୃଷ୍ଣପକ୍ଷରେ ଚନ୍ଦ୍ର ଦେବଙ୍କ ଚମକ କମ ହେବ ଓ ଶୁକ୍ଳ ପକ୍ଷରେ ତାଙ୍କର ଚମକ ବୃଦ୍ଧିପାଇବ ବୋଲି ଭଗବାନ ଶିବ କହିଥିଲେ । ଏହି ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କର ମହିମାର ଉଲ୍ଲେଖ ହିନ୍ଦୁ ଧର୍ମର ପ୍ରସିଦ୍ଧ ମହାକାବ୍ୟ ଶ୍ରୀମଦ ଭାଗବତ ଗୀତା, ମହାଭାରତ ଓ ସ୍କନ୍ଦ ପୁରାଣ ଆଦିରେ ମଧ୍ୟ କରାଯାଇଛି । ଏହା ସହିତ ଏହି ମନ୍ଦିରର ଉଲ୍ଲେଖ ରଗବେଦରେ ମଧ୍ୟ କରାଯାଇଛି ।



ମାନ୍ୟତା ଅନୁସାରେ ଭଗବାନ ଶିବଙ୍କର ଏହି ପ୍ରସିଦ୍ଧ ଜ୍ୟୋର୍ତିଲିଙ୍ଗଙ୍କର ଦର୍ଶନ ମାତ୍ରେ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୁଏ । ଏବଂ ସୋମନାଥ ମନ୍ଦିରରେ ପୂଜା ଆରାଧନା ଦ୍ୱାରା ଭକ୍ତଙ୍କର କ୍ଷୟରୋଗ ମଧ୍ୟ ଦୂର ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଦେହତ୍ୟାଗ କରିଥିବାରୁ ଏହି ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଆଗ୍ରାରେ ଥିବା ଦେବଦ୍ୱାର ସୋମନାଥ, ମନ୍ଦିରର, ଯାହାକୁ ମହମ୍ମଦ ଗଜନୀ ଲୁଟ କରି ନେଇ ଯାଇଥିଲା । ସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହେଉଥିବା ଲାଇଟ୍ ସୋରେ ହିନ୍ଦୁମାନଙ୍କର ଇତିହାସକୁ ପ୍ରଦର୍ଶିତ କରାଯାଇଥାଏ । ସୋମନାଥ ମନ୍ଦିରରେ କାର୍ତ୍ତିକ, ଚୈତ୍ର ଓ ଭାଦ୍ରବ ମାସରେ ଶ୍ରାଦ୍ଧ କରିବାର ମହତ୍ତ୍ୱ ରହିଛି । ଏହି ମନ୍ଦିରରୁ ୨୦୦ କି.ମି ଦୂରରେ ଦ୍ୱାରକା ନଗରୀ ଅବସ୍ଥିତି, ଯେଉଁଠିକୁ ଦ୍ୱାରକାଧିଶଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ଏହି ଜ୍ୟୋର୍ତିଲିଙ୍ଗର ସ୍ଥାପନା ପରେ ରାମେଶ୍ୱରମ, ଦ୍ୱାରକା ଓ ବାରଣସୀରେ ଜ୍ୟୋତିର୍ଲିଙ୍ଗଙ୍କୁ ସ୍ଥାପନ କରାଯାଇଥିଲା । ସୋମନାଥ ମନ୍ଦିରର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ସୋମନାଥ ମନ୍ଦିରର ଟ୍ରଷ୍ଟ କରିଥାଏ । ସରକାର ଟ୍ରଷ୍ଟକୁ ଜମି ଓ ବଗିଚା ଆଦି ଦେଇ ମନ୍ଦିରର ଆୟର ବ୍ୟବସ୍ଥା କରିଛନ୍ତି ।

କିପରି ଯିବେ:- କିଶୋଡ଼ ବିମାନ ବନ୍ଦର ସୋମନାଥ ମନ୍ଦିରରୁ ମାତ୍ର ୫୫ କିମ ଦୂରରେ ରହିଛି । ଏହି ବିମାନ ବନ୍ଦର ମୁମ୍ବାଇ ସହିତ ଯୋଡ଼ାଯାଇଛି । ସେଠାରେ ପହଞ୍ଚିବା ପରେ ବସ ଓ ଟ୍ୟାକ୍ସି ସହାୟତାରେ ସୋମନାଥ ମନ୍ଦିର ପହଞ୍ଚିପାରିବେ ।

ସେଠାରୁ ସବୁଠାରୁ ନିକଟତମ ରେଲୱେ ଷ୍ଟେସନ ବେରାବଲ ଯାହା ସୋମନାଥ ମନ୍ଦିର ଠାରୁ ମାତ୍ର ୭କିମି ଦୂରରେ ଅବସ୍ଥିତ । ଏହା ଅହମ୍ମଦାବାଦ, ଗୁଜୁରାଟ ସମେତ ଦେଶର ପ୍ରମୁଖ ସହର ସହିତ ରେଳମାର୍ଗ ଦ୍ୱାରା ଯୋଡ଼ା ଯାଇଛି । ଅହମଦାବାଦରୁ ୪୦୦ କିମି ଭାବନଗରରୁ ୨୬୬ କିମ ଦୂରରେ ସୋମନାଥ ମନ୍ଦିର ଅବସ୍ଥିତ । ଗୁଜୁରାଟର କୌଣସି ସ୍ଥାନରୁ ଏହି ପବିତ୍ର ତୀର୍ଥ ଧାମକୁ ପହଞ୍ଚିବା ପାଇଁ ବସ ସେବା ଉପଲବ୍ଧ ରହିଛି । ଏହା ସହିତ ସୋମନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନଙ୍କର ରହିବା ଓ ଖାଇବାର ମଧ୍ୟ ଉତ୍ତମ ବ୍ୟବସ୍ଥା ରହିଛି ।

# ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି, ଯେଉଁଠି ଦିନ ସାରା ବସିବା ପରେ ମଧ୍ୟ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ । ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ ।

୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ । ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ । ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ ।



୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ ।

୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ୍ୟ ଅଳିଆ ଗଦା କରନ୍ତୁ ନାହିଁ । ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି ।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ । ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ । ଏହାଦ୍ୱାରା ଆଶାତୀତ ଲାଭ ହେବ ।

# ଅମୃତଭଣ୍ଡା ହାଲ୍‌ୱା

## ଆବଶ୍ୟକ ସାମଗ୍ରୀ:

କଞ୍ଚା ଅମୃତଭଣ୍ଡା, କ୍ଷୀର, କଟା ଆଲମଣ୍ଡ, ଚିନି, ଗୁଆ ଘିଅ, କାଜୁ, କିସ୍‌ମିସ୍ ଓ ଗୁଜୁରାତି

## ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଅମୃତଭଣ୍ଡାକୁ ଭଲ ଭାବେ ଧୋଇ ଚୋପା ଛଡ଼ାଇ ଏକ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଅମୃତଭଣ୍ଡାକୁ ଭଲ ଭାବେ କୋରି ଦିଅନ୍ତୁ । ତା'ପରେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହୋଇଗଲା ପରେ କୋରା ହୋଇଥିବା ଅମୃତଭଣ୍ଡାକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ ।

ଏହା ଟିକେ ଭାଜି ହୋଇ ଆସିଲେ, ଏଥିରେ କ୍ଷୀର ପକାଇ ଦିଅନ୍ତୁ । ତା'ପରେ ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ । କ୍ଷୀର ଫୁଟିଗଲେ, ସେଥିରେ ଚିନି ପକାନ୍ତୁ । ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, କଟା କାଜୁ ଓ କିସ୍‌ମିସ୍ ପକାନ୍ତୁ । ଏହାପରେ ଏହି ମିଶ୍ରଣକୁ କିଛି ସମୟ ଅଳ୍ପ ଆଞ୍ଚରେ ରଖି ଧିରେ ଧିରେ ଗୋଳାନ୍ତୁ । ହାଲୱା ଟିକେ ଶୁଖିଲା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ସେଥିରେ କଟା ଆଲମଣ୍ଡ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ହାଲ୍‌ୱା ।



# ଚକ୍ଷୁ ପାଇଁ ଯୋଗ

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମେଣ୍ଟ ଗୋଲକଧନ୍ଦା...

ଆମ ଦେଶର ବହୁଦଳୀୟ ରାଜନୈତିକ ବ୍ୟବସ୍ଥାରେ ଦୁଇ ପ୍ରମୁଖ ଜାତୀୟ ଦଳ କ୍ଷମତା ପାଇଁ ପରସ୍ପର ବିରୋଧରେ ଲଢୁଥିବା ବେଳେ ମେଣ୍ଟ ଗଠନର ଆବଶ୍ୟକତା ରହିଛି। ତେବେ ଏହା ନୀତି ଓ ଆଦର୍ଶଗତ ବୁଝାମଣା ଯେତେ ନୁହେଁ, ତାହାଠାରୁ ଅଧିକ ରାଜନୈତିକ ବାଧ୍ୟବାଧକତା। କେତେବେଳେ କ୍ଷମତା ପାଇଁ ତ କେତେବେଳେ ଉପରୁ ପଡୁଥିବା ବଜ୍ରପାତ ସଦୃଶ ଚାପକୁ ବରଦାସ୍ତ କରି ନ ପାରି କିଛି ଦଳ ହାତ ମିଳାଉଛନ୍ତି। ତେଣୁ ଏ କ୍ଷେତ୍ରରେ ନୀତି ଓ ଆଦର୍ଶଗତ ସହଯୋଗ ବା ସମର୍ଥନର ପ୍ରଶ୍ନ ଉଠୁନାହିଁ। ନିକଟରେ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱରେ ଏନ୍‌ଡିଏ କ୍ଷମତାସୀନ ହୋଇଛି। ବିଜେପି ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ୧୩୩ ଆସନ ପାଇ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ବିଭେଦ ଓ ବିଦ୍ୱେଷର ଯେଉଁ ମଞ୍ଜି ଦଳ ବୁଣିଛି, ତାହା ହିଁ ଶେଷରେ ତା' ପାଇଁ କାଳ ହୋଇଛି। ସେହିପରି ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ସେଠାରେ କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଠିକ୍ ଠାକ୍ ଚାଲିନି। ବିହାର ନିର୍ବାଚନ ରାଜନୀତିରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିର୍ଣ୍ଣାୟକ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବିଜେପି ସେଠାରେ ନିଜ ଦଳରୁ ଜଣକୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହେଁ। ଅଥଚ ନିର୍ବାଚନ ପ୍ରଚାରର ନେତୃତ୍ୱ ନୀତୀଶ ନ ନେଲେ ବିଜେପି କ୍ଷମତାସୀନ ହେବା ସହଜ ନୁହେଁ। ଏବେ ଆମେ ମହାରାଷ୍ଟ୍ର ସ୍ଥିତି ସମ୍ପର୍କରେ ଆଲୋଚନା କରିବା। ଶିବସେନା ନେତା ଏକନାଥ ସିନ୍ଧେ ଉପମୁଖ୍ୟମନ୍ତ୍ରୀ ପଦରେ ରହିଛନ୍ତି। ସେ ବିଜେପି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍‌ଙ୍କୁ ହଟାଇ ମୁଖ୍ୟମନ୍ତ୍ରୀ ହେବାକୁ ଚାହାନ୍ତି। ୨୦୨୦ରେ ଉଦ୍ଧବ ଠାକରେଙ୍କ ଶିବସେନାର ବିଭାଜନ ଘଟାଇ ରାଜ୍ୟରେ ଏନ୍‌ଡିଏ ସରକାରର ଭିତ୍ତିଭୂମି ସୁଦୃଢ଼ କରିଥିବା ସିନ୍ଧେ ଶେଷ ମୁହୂର୍ତ୍ତରେ ଫଡ଼ନବିସ୍‌ଙ୍କୁ ହଟାଇ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ। ଏବେ ସେ ମାତ୍ର ୫୧ ଜଣ ଶିବସେନା ବିଧାୟକଙ୍କ ନେତୃତ୍ୱ ଦେଉଥିଲେ ମଧ୍ୟ ଯେକୌଣସି ମୂଲ୍ୟ ବିନିମୟରେ ମୁଖ୍ୟମନ୍ତ୍ରୀ ହେବାକୁ ଚାହାନ୍ତି। ସୂଚନାନୁଯାୟୀ ସେ ଅମିତ ଶାହାଙ୍କ ସହ କ୍ରମାଗତ ଯୋଗାଯୋଗରେ ରହିଛନ୍ତି। ଏପରିକି ଆବଶ୍ୟକ ପଡ଼ିଲେ ତାଙ୍କ ଦଳ ବିଜେପି ସହ ମିଶିଯିବା କିଛି ବିଚିତ୍ର ନୁହେଁ ବୋଲି ଆଲୋଚନା ହେଉଛି। ଏହାର ପୃଷ୍ଠଭାଗରେ ଦୁଇ/ତିନିଟି ଯୁକ୍ତି ରହିଛି। ଶାହା ଚାହାନ୍ତି ଯେ ସିନ୍ଧେଙ୍କ ଦଳ ବିଜେପିରେ ମିଶିଗଲେ ଲୋକସଭାରେ ଦଳର ଆସନ ସଂଖ୍ୟା ୨୪୭ରେ ପହଞ୍ଚିବ। ଅନ୍ୟଦିଗଟି ହେଲା, ବିଜେପି ଅଣହିନ୍ଦୁତ୍ୱବାଦୀ ଦଳ ବା ଗୋଷ୍ଠୀକୁ ଆଦୌ ବରଦାସ୍ତ କରେ ନାହିଁ। ଏ କ୍ଷେତ୍ରରେ ଦଳର ଏକଚାଟିଆ ବା ନିରଙ୍କୁଶ ପତିଆରାରେ କାହାର ହସ୍ତକ୍ଷେପକୁ ବରଦାସ୍ତ କରେନାହିଁ। ଯେମିତି ଦିଲ୍ଲୀରେ କେଜ୍ରିୱାଲଙ୍କ ଆପ୍‌ର କେବଳ ଆରଏସ୍‌ଏସ୍ ସହ ସୁସମ୍ପର୍କ ନଥିଲା, ସେମାନେ ମଧ୍ୟ ଉଦାରବାଦୀ ହିନ୍ଦୁତ୍ୱରେ ବିଶ୍ୱାସୀ। ଅଥଚ ବିଜେପି ଯୋଜନାବଦ୍ଧ ଭାବେ ଆପ୍‌କୁ ଦିଲ୍ଲୀରେ ପରାଜିତ କରିଛି। ତୃତୀୟ ଦିଗଟି ହେଲା ଆରଏସ୍‌ଏସ୍ ୨୦୨୯ରେ ଫଡନବିସ୍‌ଙ୍କୁ ଦେଶର ପ୍ରଧାନମନ୍ତ୍ରୀ ରୂପେ ଉପସ୍ଥାପିତ କରିବାକୁ ଚାହେଁ। ଅବଶ୍ୟ କାହା ଚାହିଁବା ନ ଚାହିଁବାରେ ସବୁକିଛି ବଦଳିଯିବ, ଏକଥା ନୁହେଁ। ଶାହା କିନ୍ତୁ ଏହି ସମ୍ଭାବନା ଦିଗଟିକୁ ଦୃଷ୍ଟିରେ ରଖି ଗୋଟିଚାଳନା ଆରମ୍ଭ କରିଥିବା ମନେହୁଏ। ଯେତେଦୂର ମନେହୁଏ ବିଜେପିରେ ଶିବସେନାର ବିଲୟ ଓ ଲୋକସଭାରେ ଦଳର ସ୍ଥିତିରେ ଉନ୍ନତି ଭଳି ପ୍ରସ୍ତାବକୁ ମୋଦୀ ବିରୋଧ କରିବେ ନାହିଁ। ଏହା ଉଭୟ ସିନ୍ଧେ ଓ ଶାହାଙ୍କ ମହତକାଂକ୍ଷା ପୂରଣ କରିବାରେ ସହାୟକ ହେବ। ଶିବରାଜ ଚୌହ୍ୱାନଙ୍କ ଭଳି ଫଡନବିସ୍‌ଙ୍କୁ କେନ୍ଦ୍ର ମନ୍ତ୍ରୀପଦରେ ଅବସ୍ଥାପିତ କରାଯାଇପାରେ। ଦିଲ୍ଲୀରେ ବିଜେପି ସରକାରର ଶପଥଗ୍ରହଣ ଉତ୍ସବ ବେଳେ ଏନ୍‌ଡିଏ ଅଂଶୀଦାର ଦଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ମୋଦୀ-ଶାହା-ନଡ୍ଡାଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ କେବଳ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଛାଡ଼ିଦେଲେ ଅନ୍ୟ ସହଯୋଗୀ ନେତାମାନେ ଯୋଗଦେଇଥିଲେ। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଗତ କିଛିମାସ ଧରି ନୀତୀଶ ଉଦ୍ଦେଶ୍ୟମୂଳକ ଭାବେ ମୋଦୀ ଓ ଶାହାଙ୍କଠାରୁ ଦୂରେଇ ରହୁଛନ୍ତି। ଏହା ତାଙ୍କର ଅସୁସ୍ଥତା କହି ବିଜେପି ଘଟଣାର ଗୁରୁତ୍ୱକୁ ଯେତେ ହାଲକା କରିବାକୁ ଚେଷ୍ଟା କଲେ ମଧ୍ୟ ଅସଲ କଥା ସେଇଆ ନୁହେଁ। ଏକଥା ବିଜେପି ନେତୃତ୍ୱ ମଧ୍ୟ ଜାଣେ। ଏବେ ବି ସେ ରାଜ୍ୟର ପ୍ରଗତି ଯାତ୍ରା ଜାରି ରଖିଛନ୍ତି। ଦିଲ୍ଲୀକୁ ମଧ୍ୟ ବେସରକାରୀ ଗସ୍ତରେ ଯାଉଛନ୍ତି। ତେଣୁ ମେଣ୍ଟର ଗତିବିଧି ଯେ ଠିକ୍‌ଠାକ୍ ଚାଲିଛି, ତାହା ନୁହେଁ। ଜେଡିୟୁର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଓ କେନ୍ଦ୍ରମନ୍ତ୍ରୀ ଲଲନ୍ ସିଂହଙ୍କ ନେତୃତ୍ୱରେ ଦଳୀୟ ସାଂସଦଙ୍କ ସମର୍ଥନ ଅତୁଟ ରହିଥିବା ବେଳେ ବିଜେପି ପକ୍ଷରୁ ହଠାତ ବିପଦ ଆଶଙ୍କା କରିବାର ପ୍ରଶ୍ନ ଉଠୁନାହିଁ। ଘଟଣାକ୍ରମରୁ ସ୍ପଷ୍ଟ ହୋଇଛି ଯେ ସଂଗଠନ ଓ ସମର୍ଥନ ଦୃଷ୍ଟିରୁ ଦିଲ୍ଲୀ ଓ ପାଟନା ମଧ୍ୟରେ ଜେଡିୟୁ ପ୍ରକାରାନ୍ତରେ ବିଭାଜିତ ହୋଇଛି। ବିଜେପ ଯେକୌଣସି ପ୍ରକାରେ ବିହାର ଦଖଲ କରିବା ଚାହେଁ। ଏବେ ମଧ୍ୟ ଲାଲୁ ଓ ନୀତୀଶଙ୍କ ମଧ୍ୟରେ ସମ୍ପର୍କ ଅତୁଟ ରହିଛି। ସେଭଳି ପ୍ରତିକୂଳ ପରିସ୍ଥିତି ଉପୁଜିଲେ ସେମାନେ ପରସ୍ପର ସହ ହାତ ମିଳାଇ ବିହାରରେ ସମାଜବାଦୀ ରାଜନୀତିର ଭିତ୍ତିଭୂମିକୁ ସୁଦୃଢ଼ କରିବା ଅସମ୍ଭବ ନୁହେଁ।

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?



### ବିପିନ ବିହାରୀ ରାଉତ

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ।

ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ'ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଲେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା।

କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା !! ଏହା ରୁଗ୍‌ଣ କି ଆଉ କ'ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ'ଣ କହିବା !! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ'ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ। ପବିତ୍ର ଜନ୍ମାଷ୍ଟମୀରେ ଏହା ଆମର ଧ୍ୟେୟ ହେଉ।

ଯୁଗ୍ମ ନିର୍ଦ୍ଦେଶକ 'ଓରମାସ୍',
କଟକ,
(ମୋ) ୯୪୩୭୬୬୬୪୫୩

# ଏ ସଭ୍ୟତାର ଗତି କୁଆଡେ ??



### କାନନ ବାଳା ନାୟକ

କିଛି ଦିନ ହେଲାଣି ସୋସିଆଲ ମିଡ଼ିଆ ଖୋଲିଦେବା ମାତ୍ରେ ଅଭଦ୍ରତାର ସୀମା ଟପି ଯାଇଥିବା କିଛି ୟୁଟୁବର ଙ୍କ ଚର୍ଚ୍ଚା ଲାଗିରହିଛି । ସେ ୟୁଟୁବର ମାନଙ୍କର ସମାଜପ୍ରତି ଯୋଗଦାନ କଣ ସାଧାରଣ ବ୍ୟକ୍ତିଙ୍କୁ ଜଣା ନାହିଁ । ସେମାନେ କେଉଁ ଶୋ'ରେ କଣ ଅଶ୍ଳୀଳ କଥା କହିଥିଲେ ସେଇ ଶୋ'କୁ ଯେତେଲୋକ ଦେଖି ନ ଥିବେ ଏବେ ପ୍ରାୟ ସମସ୍ତ ମିଡ଼ିଆରେ ତା'ର ଅଧିକ ଚର୍ଚ୍ଚା ଯୋଗୁଁ ପିଲା ଠାରୁ ବୁଢା ସମସ୍ତେ ତାଙ୍କ ଅଶ୍ଳୀଳ କଥାକୁ ଶୁଣୁଛନ୍ତି । ସେଇ ଭଳି ଲୋକ ସଭ୍ୟ ସମାଜରେ ବାସ କରିବାର ଯୋଗ୍ୟ ନୁହଁନ୍ତି । ତାଙ୍କ ଭିତରେ ଜଣେ ମହିଳା ବି ଅଛି, ଯିଏ ନିଜ ମାଆ ଓ ଅନ୍ୟ ମହିଳାଙ୍କ ସମ୍ବନ୍ଧରେ ଏମିତି କିଛି ଅଶ୍ଳୀଳ ଶବ୍ଦର ପ୍ରୟୋଗ କରୁଛି ଯାହା କହିବା ତ ଦୂରର କଥା ଏଭଳି ଶବ୍ଦ ମସ୍ତିଷ୍କ ମଧ୍ୟକୁ ଆସିବା ମଧ୍ୟ ପାପ ।

ଆମର ମହାନ ଭାରତୀୟ ସଂସ୍କୃତିରେ ସବୁବେଳେ ନାରୀମାନଙ୍କୁ ଉଚ୍ଚ ସ୍ଥାନ ପ୍ରଦାନ କରାଯାଇଛି । କିନ୍ତୁ ଅର୍ଥ ଲୋଭ ଓ ଶସ୍ତା ପ୍ରଚାର ପ୍ରସାର ପାଇଁ କିଛି ବ୍ୟକ୍ତି ଅଶ୍ଳୀଳ ଶବ୍ଦକୁ ମାଧ୍ୟମ କରୁଛନ୍ତି । ଏଇ ଅଶ୍ଳୀଳ ଶବ୍ଦ ଓ ସଂସ୍କୃତି ର ପ୍ରଚାର ପ୍ରସାର ପାଇଁ ଗୋଟେ ବଜାର ତିଆରି କରିବାରେ ସକ୍ଷମ ମଧ୍ୟ ହୋଇଛନ୍ତି । ଏଇଥି ପାଇଁ ଖାଲି ଅଶ୍ଳୀଳତା ପ୍ରଚାର କରୁଥିବା ବ୍ୟକ୍ତି ଦାୟୀ ନୁହେଁ, ତାକୁ ଶୁଣୁଥିବା ଓ ଦେଖୁଥିବା ବ୍ୟକ୍ତି ମଧ୍ୟ ଦାୟୀ । ମାର୍କେଟରେ ଗୋଟେ ଜିନିଷର ମୂଲ୍ୟ ସେତେବେଳେ ବଢ଼େ ଯେତେବେଳେ ଗ୍ରାହକ ମାନେ ତାକୁ କିଣନ୍ତି । ଗ୍ରାହକ ଯଦି ଜିନିଷ ନ କିଣିବେ ତେବେ ସେ ଜିନିଷର ଚାହିଦା କମି କମି ଆସ୍ତେ ଆସ୍ତେ ମାର୍କେଟ ରୁ ତାହା ଅପସରି ଯିବ ।

ସେହିପରି ଗ୍ରାହକ ସଂଖ୍ୟା ବଢୁଛନ୍ତି ବୋଲି ତ ଏପରି ଶୋ ଚାଲୁଛି । ସୋସିଆଲ ମିଡ଼ିଆର ବ୍ୟବହାର ଏତେ ପରିମାଣରେ ବଢୁଛି ଯେ ପିଲା ଠାରୁ ବୁଢ଼ା ସମସ୍ତେ ତା ମାୟାରେ ପଡ଼ିଛନ୍ତି । ହେଲେ ତାକୁ ପରିଚାଳନା କରିବା ବା ତା ଉପରେ ଅଙ୍କୁଶ ଲଗାଇବା ପାଇଁ କୌଣ ସି ନୀତି ନିୟମ ନାହିଁ । ଯିଏ ପାରିଲା ସିଏ ଗୋଟେ ଚ୍ୟାନେଲ ଖୋଲି ଯାହା ମନକୁ ଆସିଲା ତାହା କହିଲା । ଶ୍ଳୀଳ ଅଶ୍ଳୀଳର ସଂଜ୍ଞା ଭୁଲିଗଲା । ଭୁଲି ଗଲା ଲଜ୍ଜା ସରମ ।

ଯେଉଁ ବ୍ୟକ୍ତି ଅଶ୍ଳୀଳତାକୁ ଯେତେ ବେଶୀ ପରଶି ପାରିଲା ତାର ସେତେ ଅନୁଗାମୀ ବଢ଼ିଲେ । ସେ ସେତେ ଟଙ୍କା ଅର୍ଜନ କଲା । ଆଉ ସେ ଟଙ୍କାର ସେ ସତ୍ ଉପଯୋଗ କରିବା ପାରିବର୍ତ୍ତେ ସମାଜକୁ କଳୁଷିତ କରିବା ପାଇଁ ଲଗାଇଲା । କିଏ ପାଉଡର ଖାଇ ନିଜେ ଝୁମିଲା, ତ କିଏ ନିଜେ ଏକା କାହିଁକି ଝୁମିବ କିଛି ଲୋକଙ୍କୁ ସାଥିରେ ନେଇ ଝୁମିବା ପାଇଁ ବିଭିନ୍ନ ପ୍ରକାର ପାର୍ଟିର ଆୟୋଜନ କଲା। ପାଣି ମୁଣ୍ଡ ଉପରକୁ ନଗଲା ଯାଏ, ସେ ସମସ୍ତଙ୍କ ନଜରରେ ହିରୋ ବନିଗଲା। ସେ କହୁଥିବା କଥାକୁ ବ୍ୟଙ୍ଗର ନାମ ଦେଇ କିଛି ଲୋକ ତାକୁ ଉପଭୋଗ କଲେ ଓ ଦାନ୍ତ ନିକୁଟି ହସିଲେ । ସମାଜ ପ୍ରତି ଥିବା ନିଜର କର୍ତ୍ତବ୍ୟ ବୋଧକୁ ଭୁଲିଗଲେ । ଫଳରେ ଆଶ୍ଳୀଳତାର ପ୍ରଚାର ପ୍ରସାର କରୁଥିବା ସେଇ ଅଭଦ୍ର, କୁସଂସ୍କାରୀ, ଅଲଜ୍ଜ୍ୟା ଯୁବକ ଯୁବତୀଙ୍କ ଅସ୍ପର୍ଦ୍ଧା ବଢ଼ିଲା । ସେମାନେ ସମସ୍ତ ସୀମା ଟପିଗଲେ । ନିଜ ବାପା ମାଆଙ୍କ ସମ୍ପର୍କକୁ ନେଇ ଯେଉଁ କୁତ୍ସିତ ଟିପ୍ପଣୀ ଦେଲେ । ଯାହା କେବଳ ନିନ୍ଦନୀୟ ନୁହଁ ଅକ୍ଷମଣୀୟ ମଧ୍ୟ।

ବିନା ପରିଶ୍ରମରେ ଯୁବ ସାମଜର ମନ ମସ୍ତିଷ୍କରେ ଅଶ୍ଳୀଳତାର ଭାବନା ପୁରାଇ ଅର୍ଥ ରୋଜଗାର କରୁଥିବାରୁ ଟଙ୍କା ଫୋପାଡ଼ି ସମସ୍ତଙ୍କ ସମ୍ମୁଖରେ ଅଶ୍ଳୀଳ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେବାର ଆସ୍ପର୍ଦ୍ଧା କଲେ ।ସେଇ ୟୁଟ୍ୟୁବରଙ୍କ ଭିତରେ ଝିଅଟିଏ ମଧ୍ୟ ଅଛି। ଯିଏ ମାତୃ ଜାତିଙ୍କ ପାଇଁ ଏମିତି ଅପଶବ୍ଦ ପ୍ରୟୋଗ କରୁଛିଯେ ତାକୁ ଶୁଣିଲେ କାନ ମୁଣ୍ଡ ଝାଇଁ ଝାଇଁ ହୋଇ ଯାଉଛି। ତା ଭିତରୁ ଜଣେ କୁଆଡେ ନିଜ ବାପା ମାଆଙ୍କୁ ଭକ୍ତି କରେ, ତାଙ୍କ ଖୁସିରେ ନିଜ ଖୁସି ଦେଖେ । ଯିଏ ବାପା ମାଆଙ୍କୁ ଭକ୍ତି କରେ ତା ପାଟିରୁ କଣ ଏମିତି ସବୁ କଥା ବାହାରି ପାରେ ?

ଭାବିଲେ ଲଜ୍ଜା ଲାଗୁଛି ଏଇ ଭଳି ବ୍ୟକ୍ତିଙ୍କ ପ୍ରୋଗ୍ରାମକୁ ବଡ ବଡ ସେଲିବ୍ରିଟୀ ଅସୁଛନ୍ତି । ଯିଏ ବି ଆଜି ଯାହା ହୋଇଛି ଜନସାଧାରଣଙ୍କ ପାଇଁ ହୋଇଛି, ସମାଜ ପାଇଁ ହୋଇଛି । ତେଣୁ ସମାଜ ପାଇଁ ତାଙ୍କର କିଛି କର୍ତ୍ତବ୍ୟ ମଧ୍ୟ ଅଛି। ହେଲେ ସେମାନେ କର୍ତ୍ତବ୍ୟ କରିବା ପରିବର୍ତ୍ତେ ସମାଜକୁ ଏମିତି ବିଷାକ୍ତ କରିବାର ଅଧିକାର ତାକୁ କିଏ ଦେଇଛି ? ତାପରେ ନେଡି ଗୁଡ଼ କହୁଣୀକୁ ବହିଗଲା ପରେ ଆମେ ସମସ୍ତେ ପାଟି କରୁଛୁ ସଭ୍ୟତା ଓ ସଂସ୍କୃତିର ରକ୍ଷା କେମିତି ହେବ ?କଣ ହେବ ଏ ମହାନ୍ ସଂସ୍କୃତିର ?

କିଛି ଦିନ ଏମିତି ଚିତ୍କାର କରି ଚୁପ୍ ହୋଇଯିବା ଠାରୁ ଭଲ ହେବ ସୋସିଆଲ ମିଡ଼ିଆରେ ପ୍ରସାରିତ ହେଉଥିବା ବିଷୟ ବସ୍ତୁକୁ ସମୀକ୍ଷା କରି ନଗ୍ନତା ଓ ଅଶ୍ଳୀଳତାର ପ୍ରଚାର କରି ମଣିଷ ସମାଜକୁ ପୁଣିଥରେ ଅନ୍ଧାର ଦିଗକୁ ଠେଲି ଦେବାର ପ୍ରୟାସ କରୁଥିବା ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡ ଦେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିବା, ଯାହାକୁ ଦେଖି ଅନ୍ୟ ମାନେ ଆଉ ଏଭଳି କାର୍ଯ୍ୟ କରିବାର ସାହସ କରିବେ ନାହିଁ । ନ ହେଲେ ଏମାନଙ୍କର ପ୍ରାଦୁର୍ଭାବ ଏତେ ବଢି ଯିବଯେ ତାକୁ ଆୟତ୍ତ କରିବା ଅସମ୍ଭବ ହୋଇ ପଡିବ ଏବଂ ଏଇ ମହାନ ସଂସ୍କୃତି ଓ ପରମ୍ପରା ଧୀରେ ଧୀରେ ଲୋପ ପାଇ ଯିବ ।

+ ଅତିରିକ୍ତ ବାଣିଜ୍ୟ କର ଅତିରିକ୍ତ ବାଣିଜ୍ୟ କର ଆୟୁକ୍ତ (ଅପିଲ୍)ଦ୍ରବ୍ୟ ଓ ସେବା କର ପୁରୀ
ଚକଲା,ପୁରୀ
(ମୋ) ୯୪୩୮୧୪୬୨୦୦

## କବିତା କୋଣାର୍କ

### ଥରେ ଥରେ କେବେ...
#### ଆଦ୍ୟାଶା ମହାପାତ୍ର



ଥରେ ଥରେ କେବେ ନିଜକୁ ହଜାଇ
ନିୟତେ ଖୋଜିବା ଆସ
କାଳେ ହଜିଯିବ ଚିନ୍ତା ଦକ ଦୁଃଖ
ଅହେତୁକ ଅବସୋସ ।।

ଥରେ ଥରେ କେବେ ନଇଁ ପଡ଼ିବାକୁ
ହୋଇଯାଅ ସମୁଦ୍ୟତ
ବୁଝିଯିବ କିଏ ସ୍ୱାର୍ଥନ୍ୱେଷୀ ବନ୍ଧୁ
ହେବ ଯେବେ ପରାଙ୍ମୁଖ ।।

ଥରେଥରେ କେବେ ଭୁଲି ନିଜ କଷ୍ଟ
କର ବାରେ ଉପକାର
କାଳେ ତୁଟିଯିବ ରୋଷ ବିଦ୍ୱେଷ
ବୃଥା ସ୍ୱାଭିମାନ କା'ର ।।

ଥରେ ଥରେ କେବେ ଭୁଲ୍ କରି ନିଜେ
କହିଦିଅ ସେଟା ଭଲ
ବଇରି ହିଁ ହସି କହିବ ଭରସି
ସେଇବାଟେ ସଦା ଚାଲ ।।

ଥରେ ଥରେ କେବେ ଝୁଣ୍ଟି ପଡ଼ିବାର
ଅଭିନୟ କରି ଦେଖ
କାଳେ କିଏ ବନ୍ଧୁ ଉଠେଇ ଦେବାକୁ
ବଢେଇବ ପଟେ ହାତ ।।

ଥରେ ଥରେ କେବେ କହିଦିଅ କାରେ
ପୂର୍ବାପେକ୍ଷା ଅଛ ଭଲ
ତୁମ ବଢତିରେ ହୃଦୟେ ତାହାର
କୁହୁଳିବ ଈର୍ଷା ଝୁଲ ।।

ଥରେଥରେ କେବେ ନିଜ ଗାଲ ପରେ
ମାଖିନିଅ ଚାପୁଡାଟେ
ଆଘାତର ମାତ୍ରା ତଜ୍ଜନୀତ ବ୍ୟଥା
ଅନୁଭବ ହେବ ଆପେ ।।

+ ନୂଆପଡା, କଟକ

### ପଳାଶ କୁସୁମ
#### ତୃପ୍ତିରାଣୀ ପାତ୍ର



କ୍ଷେଦେ କହେ ଆହା ପଳାଶ କୁସୁମ
ନାହିଁ ସିନା ମୋର ବାସନା ଉତ୍ତମ
ରଙ୍ଗ ରୂପ ମୋର
କେଡ଼େ ମନୋରମ
ଗଢ଼ିଛନ୍ତି ବିଭୁ କରି କେତେ ପ୍ରେମ ।

ପ୍ରକୃତି ହସୁଛି ଦେଖି ମୋ ବଦନ
ପଳାଶ କୁସୁମ କରେ ଆକର୍ଷଣ
ରାଧା କୃଷ୍ଣଚୂଡ଼ା
ଶିମିଳି ବାସଙ୍ଗ
ନିମ୍ବ ଆମ୍ବ ବଉଳ ମୋହର ସାଙ୍ଗ।

କମଳା ରଙ୍ଗରେ ହୋଇ ରଙ୍ଗାୟିତ
ଆକୃଷ୍ଟ କରେ ମୁଁ ସଭିଙ୍କୁ ଏମନ୍ତ
ଏଣୁ ଋତୁରାଜ
ଭଲପାଏ ସତ
ଫାଲଗୁନ ଚୈତ୍ରେ ପ୍ରକୃତି ଶୋଭିତ।

ସୁନ୍ଦର ରଙ୍ଗେ ଭରିଦେଲେ ଈଶ୍ୱର
ଦୂର କାନନରେ କେଡ଼େ ମନୋହର
ବସେନା ମଧୁପ କେବେ ମୋ ଉପର
ବାସନାହିଁ ବୋଲି
ନାହିଁ ଦୁଃଖ ମୋର ।

କେଡ଼େ ମନୋରମ ସୃଜନ ତାଙ୍କର
କେଉଁ ଋତୁ କିଏ କରେ ଅଧିକାର
ଋତୁ ମଧ୍ୟେ ଶ୍ରେଷ୍ଠ
ରାଜବସନ୍ତର
ତହିଁରେ ଅପୂର୍ବ ଆନନ୍ଦ ବିଭୋର ।

ଶୀତ ଅନ୍ତେ ପାଦଥାପେ ଏ ବସନ୍ତ
କୋଇଲିର କୁହୁକୁହୁ ତାନ ଗୀତ
ଉଡ଼ି ବୁଲୁଥାଏ ହଳଦୀ ବସନ୍ତ
ଏଡାଳୁ ସେଡାଳ
କରି କେତେ ନୃତ୍ୟ ।

କିଏ ଶୁଣୁ ବା ନଶୁଣୁ ତା'ର ଗୀତ
ହସିବୁଲି ନୀଡ଼ ବାନ୍ଧୁଥାଏ ସେ ତ
କାହାରିକୁ ତା'ର ନଥାଏ ଭ୍ରୁକ୍ଷେପ
ଜୀବନ ସଂଘର୍ଷେ
ମାତିଥାଏ ନିତ୍ୟ ।

ଗଢ଼ି ଚାଲିଥାଏ ସୁନ୍ଦର ତା' ନୀଡ଼
ବାରମ୍ବାର ଭାଙ୍ଗେ
ସେ ବୁଢ଼ା ମାଙ୍କଡ଼
ତଥାପି ଅସୀମ ଧୈର୍ଯ୍ୟ ଗୁଣେ ବଡ଼
ନୀରବ ନିଥରେ
ଗଢ଼େ ନିଜ ଗଡ଼ ।

+ ସହଦେବଖୁଣ୍ଟା, ବାଲେଶ୍ୱର

### ବସନ୍ତ ଆସୁଛି ବୋଲି
#### ସୁହଂସ ଭୋଇ



ବସନ୍ତ ଆସୁଛି ବୋଲିଏତେ ସଜ କାହିଁକି
ଦଗାଦାର ଫେରିଯିବ ରୂପ ତୋର ଛୁଇଁକି
ବସନ୍ତ ଆସୁଛି ବୋଲି ଏତେ ସଜ କାହିଁକି...

କଇଁଳ ପଲ୍ଲ ପାଟ,ଚୂଳେ ଗଗନ ଘମୋଟ
କାନନ କବରୀ ତୋର, ବାନ୍ଧିଛୁ କୁସୁମେ ହାର
ଚୁମିଯିବ ପ୍ରୀତିରସ, ଅଳି ବେଶ ହୋଇକି
ବସନ୍ତ ଆସୁଛି ବୋଲି ଏତେ ସଜ କାହିଁକି (୧)

ଲଲାଟେ ଶୃଙ୍ଗାର ତୋର, ସମ ଶୋଭେ ଦିନାକାର
ବାଦଲ ନିଶା ନୟନ,ଦେଖିହେବ ସେ ଉଚ୍ଛନ୍ନ
ପିଇ ମହୁଲି ସମୀର ମାରିବ ସେ ପ୍ରେମ ତୀର
ବର ବେଶ ହୋଇକି
ବସନ୍ତ ଆସୁଛି ବୋଲି ଏତେ ସଜ କାହିଁକି. (୨)

ଜହ୍ନ ଜୋଛନା ଶୀତଳ,ସୁକୋମଳ ତୋର କୋଳ
ତାରାଫୁଲେ ବିଛାଶେଜ,ଶୟନେ ସେ ଋତୁରାଜ
ପ୍ରଣୟେ ହୋଇବ ମତ୍ତ ପ୍ରିୟତମ ସାଜିକି
ବସନ୍ତ ଆସୁଛି ବୋଲି ଏତେ ସଜ କାହିଁକି (୩)

+ ପହଣ୍ଡି, ବରଗଡ଼

### ଜାଣେନା ମୁଁ କିଏ
#### ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ



ଘନ ବାଦଲରେ ଭରା ଆକାଶ ମୁଁ
କୁହ ତୁମେ
ବାଦଲ ଫଟା ଚିତ୍କାର କରିବି
ନା ନୀରବେ ଝରିଯିବି ମୁଁ
ସୀମାହୀନ ସାଗରରେ ଅଗଣିତ
ଢେଉ ମୁଁ
କୁହ ତୁମେ ସବୁ କିଛି ଲୁଟିନେବି
ନା ହାଲକେଇ ତୁମ ପାଦ
ଚୁମିଦେବି ?

ମୁଁ ଜାଣେନା ମୁଁ କିଏ
ସାତ ସୁରରେ ଜନ୍ମିତ ମୃଦୁ ମହ୍ଲାର
ଅବା ପ୍ରଭୁପାଦେ ନୈବେଦ୍ୟ ସମ୍ଭାର
ମନରେ ଉଙ୍କି ମାରୁଥିବା ଅସୁମାରୀ
ପ୍ରଶ୍ନ
ଅବା ଅପଲକ ନୟନର ଅଝଟ ସ୍ୱପ୍ନ
ମନ୍ଦ ମନ୍ଦ ସମୀରେ ଶୀହରୁଥିବା
ଚଞ୍ଚଳତା
ଅବା ଦୁଲୁକାଏ ପବନରେ
ଭାସିଆସୁଥିବା ଅନିଚ୍ଛା ଆତ୍ମୀୟତା
ଜାଣେନା ମୁଁ କିଏ, କ'ଣ ମୋ
ଅସ୍ତିତ୍ୱ
କ'ଣ ମୋ ବାସ୍ତବତା
କେଉଁଠି ଲୁପ୍ତ ମୋ ସମ୍ପୂର୍ଣ୍ଣତା
କେଉଁଠି ଆବଦ୍ଧ ମୋ ଅସ୍ମିତା

+ ପିପିଲି





# ୨୫ଲକ୍ଷରେ ହୋଇଥିଲା ସଲମାନଙ୍କ ଏହି ଫିଲ୍ମ, ବକ୍ସ ଅଫିସରେ କରିଥିଲା ୧୨କୋଟିର କଲେକ୍ସନ



ସଲମାନ୍ ଖାନ ଏବେ ତାଙ୍କର ଅପକମିଂ ଫିଲ୍ମ ସିକନ୍ଦରକୁ ନେଇ ଚର୍ଚ୍ଚାରେ ଅଛନ୍ତି । ତାଙ୍କ ଫିଲ୍ମ ସିକନ୍ଦର ବଡ଼ ବଜେଟର ଫିଲ୍ମ ଅଟେ ଏବଂ ଇଦ୍ ଅବସରରେ ରିଲିଜ ହେବାକୁ ଯାଉଛି । ସିକନ୍ଦର ହିଟ୍ ହେବାର ଭବିଷ୍ୟବାଣୀ ଏବେଠାରୁ କରାଗଲାଣି । ସଲମାନ ଖାନଙ୍କ ନାଁରେ ବହୁ ଫିଲ୍ମ ହିଟ୍ ହେବାର ରେକର୍ଡ଼ ରହିଛି । ତାଙ୍କର ଏକ ଛୋଟ ବଜେଟ ଫିଲ୍ମ ଅଛି ଯାହା ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତାହା ବକ୍ସ ଅଫିସରେ ବଜେଟଠାରୁ ବହୁ ଗୁଣା ଅଧିକ କଲେକ୍ସନ କରିଥିଲା । ଏହି ଫିଲ୍ମ ସଲମାନ ଖାନଙ୍କ ତୃତୀୟ ହିଟ୍ ସାବ୍ୟସ୍ତ ହୋଇଥିଲା । ଆସନ୍ତୁ ଜାଣିବା ସଲମାନଙ୍କ ଏହି ଫିଲ୍ମ ବିଷୟରେ । ସଲମାନଙ୍କ ଯେଉଁ ଛୋଟ ବଜେଟର ଫିଲ୍ମ ବିଷୟରେ ଆମେ କଥା ହେଉଛେ ତା'ର ନାଁ ହେଉଛି ସନମ ବେୱଫା ଅଟେ । ସନମ ବେୱଫା ୧୯୯୧ରେ ଆସିଥିଲା । ସନମ ବେୱଫା ସଲମାନ ଖାନଙ୍କ କ୍ୟାରିୟରକୁ ଏକ ଶିଖର ପର୍ଯ୍ୟନ୍ତ ନେଇଯାଇଥିଲା । ଫିଲ୍ମର କାହାଣୀ ସହ ଏହାର ଗୀତକୁ ବି ବହୁତ ପସନ୍ଦ କରାଯାଇଥିଲା । ସଲମାନଙ୍କ ଫିଲ୍ମ ସନମ ବେୱଫା ୨୫ଲକ୍ଷ ବଜେଟରେ ନିର୍ମାଣ ହୋଇଥିଲା । ମାତ୍ର ଏହି ଫିଲ୍ମ ବକ୍ସ ଅଫିସରେ ୧୨କୋଟିର କଲେକ୍ସନ କରିଥିଲା। ୯୦ଦଶକରେ ଏହା ଶାନଦାର୍ କଲେକ୍ସନ କରିଥିବା ଫିଲ୍ମରୁ ଗୋଟିଏ । ସଲମାନ୍ ଖାନ ଏହି ଫିଲ୍ମ ପରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ଏହି ଫିଲ୍ମରେ ସଲମାନଙ୍କ ବ୍ୟତୀତ ଚାନ୍ଦନୀ, ପ୍ରାଣ, ଡ୍ୟାନୀ ଡେନଜୋଗପା, ପୁନୀତ ଇସ୍ସର, କଞ୍ଚନ, ପଙ୍କଜ ଧୀର ମୁଖ୍ୟ ଭୂମିକାରେ ନଜର ଆସିଥିଲେ । ଏହି ଫିଲ୍ମକୁ ସାବନ କୁମାର ତକ ନିର୍ଦ୍ଦେଶନା ଦେଇଥିଲେ ।

# ‘ଗସିପ୍ ଗାର୍ଲ’ ଅଭିନେତ୍ରୀ ମିଶେଲ ଟ୍ରେଚେନବର୍ଗ ମୃତ, କାରଣ ଅସ୍ପଷ୍ଟ

ସିନେ ଜଗତରୁ ସାମ୍ନାକୁ ଆସିଛି ଆଉ ଏକ ଦୁଃଖଦ ଖବର। ଆଉ ନାହାଁନ୍ତି ‘ଗସିପ୍ ଗାର୍ଲ’ ଓ ‘ଆଇସ୍ ପ୍ରିନସ୍ସେସ୍’ ଭଳି ଫିଲ୍ମ ଓ ସିରିଜରେ ଅଭିନୟ କରିଥିବା ଜଣାଶୁଣା ଆମେରିକୀୟ ଅଭିନେତ୍ରୀ ମିଶେଲ ଟ୍ରେଚେନବର୍ଗ । ମୃତ୍ୟୁ ବେଳକୁ ତାଙ୍କୁ ୩୯ ବର୍ଷ ବୟସ ହୋଇଥିଲା । କୁହାଯାଉଛି ଯେ, ୨୬ ତାରିଖ ଦିନ ଘରୁ ଅଭିନେତ୍ରୀଙ୍କ ମୃତଦେହ ମିଳିଥିଲା । ଯାହାପରେ ତୁରନ୍ତ ପୋଲିସକୁ ଖବର ଦିଆଯାଇଥିଲା । ନ୍ୟୁୟର୍କ ସିଟି ପୋଲିସ ବିଭାଗ ମୁତାବକ, ଅଭିନେତ୍ରୀ ମିଶେଲ ଟ୍ରେଚେନବର୍ଗଙ୍କୁ ଯେତେବେଳେ ତାଙ୍କ ମାଆ ଦେଖିଥିଲେ । ସେତେବେଳେ ସେ ଆପାର୍ଣ୍ଟମେଣ୍ଟରେ ଅଚେତ ଅବସ୍ଥାରେ ଥିଲେ । ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଅଭିନେତ୍ରୀଙ୍କୁ ନ୍ୟୁୟର୍କର ମାନହଟନ ସ୍ଥିତ ତାଙ୍କ ଆପାର୍ଟମେଣ୍ଟରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଯାହାପରେ ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ, ଡାକ୍ତର ଅଭିନେତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ମିଶେଲ ଟ୍ରାଚେନବର୍ଗଙ୍କର କିଛି ସମୟ ପୂର୍ବରୁ ଯକୃତ ପ୍ରତିରୋପଣ କରାଯାଇଥିଲା। ବର୍ତ୍ତମାନ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ଅଭିନେତ୍ରୀ ମିଶେଲ୍ ଟ୍ରାଚଟେନବର୍ଗଙ୍କ ଆକସ୍ମିକ ମୃତ୍ୟୁରେ ସହ-ଅଭିନେତ୍ରୀ ବ୍ଲେକ୍ ଲାଇବଲି ଦୁଃଖ ପ୍ରକାଶ କରି ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି । ନ୍ୟୁୟର୍କରେ ଜନ୍ମିତ ମିଶେଲ୍ ଟ୍ରାଚେନବର୍ଗ ପିଲାଦିନରୁ ଫିଲ୍ମର ଏକ ଅଂଶ ହେବାକୁ ଚାହୁଁଥିଲେ। ତାଙ୍କୁ ପ୍ରଥମ ଥର ପାଇଁ ୩ବର୍ଷ ବୟସରେ ପରଦାରେ ଦେଖିବାକୁ ମିଳିଥିଲା। ଅନେକ ବିଜ୍ଞାପନର ଅଂଶ ଥିବା ମିଶେଲ ୧୦ ବର୍ଷ ବୟସରେ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। ତାଙ୍କୁ ୧୯୯୬ ମସିହାରେ ଆସିଥିବା ଚଳଚ୍ଚିତ୍ର ‘ହାରିଏଟ୍ ଦି ସ୍ପାଏ’ରେ କାଷ୍ଟ କରାଯାଇଥିଲା । ତଥାପି ମିଶେଲ୍ ଟ୍ରାଚଟେନବର୍ଗ ‘ଟିନ୍ ଡ୍ରାମା’,'ବଫି ଦି ଭାମ୍ପାୟାର ସ୍ଲେୟର' ଏବଂ ‘ଗସିପ୍ ଗାର୍ଲ’ ରୁ ଲୋକପ୍ରିୟତା ହାସଲ କରିଥିଲେ।



# ପତ୍ନୀ ସୁନୀତାଙ୍କ ଠାରୁ ଅଲଗା ହେବେ ସୁପରଷ୍ଟାର ଗୋବିନ୍ଦା !



ବେଶ କିଛି ମାସ ହେଲାଣି ଗୋବିନ୍ଦା ଓ ସୁନୀତା ଅଲଗା ରହୁଛନ୍ତି। ସେମାନଙ୍କ ମଧ୍ୟରେ ଆଗ ଭଳି ଆଉ କୌଣସି ସମ୍ପର୍କ ନାହିଁ। ପୁଣି ଗୋଟିଏ ବିବାହ ବିଚ୍ଛେଦ ଖବର ସାମ୍ନାକୁ ଆସିଛି। ଏଥର ଚର୍ଚ୍ଚାରେ ବଲିଉଡ ସୁପରଷ୍ଟାର ଗୋବିନ୍ଦା। ଦୀର୍ଘ ୩୭ ବର୍ଷ ଏକାଠି ରହିବା ପରେ ଗୋବିନ୍ଦା ଓ ତାଙ୍କ ପତ୍ନୀ ସୁନୀତା ଆହୁଜା ପରସ୍ପରକୁ ଛାଡ଼ପତ୍ର ଦେବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ଜୁମ ଟିଭିରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବେଶ କିଛି ମାସ ହେଲାଣି ଗୋବିନ୍ଦା ଓ ସୁନୀତା ଅଲଗା ରହୁଛନ୍ତି। ସେମାନଙ୍କ ମଧ୍ୟରେ ଆଗ ଭଳି ଆଉ କୌଣସି ସମ୍ପର୍କ ନାହିଁ। ସେମାନେ ଖୁବଶୀଘ୍ର ପରସ୍ପରକୁ ଛାଡ଼ପତ୍ର ଦେବେ। କିନ୍ତୁ ଛାଡ଼ପତ୍ର ଖବର ନିଆଁ ଭଳି ବ୍ୟାପୁଥିବା ବେଳେ ଏ ସମ୍ପର୍କରେ ଏଯାଏ ଗୋବିନ୍ଦା କିମ୍ବା ସୁନୀତାଙ୍କ ପକ୍ଷରୁ କୌଣସି ପ୍ରକାରର ପ୍ରତିକ୍ରିୟା ଦିଆଯାଇ ନାହିଁ। କୁହାଯାଉଛି ଯେ ଗୋବିନ୍ଦା ଓ ସୁନୀତା ଆହୁଜା ପରସ୍ପର ଠାରୁ ପୃଥକ ଓ ଭିନ୍ନ ଜୀବନଶୈଳୀକୁ ଗୁରୁତ୍ୱ ଦେଉଥିଲେ। ଦୁଇ ଜଣଙ୍କ ମାନସିକତା ପରସ୍ପର ସହ ଖାପ ନ ଖାଇବାରୁ ସେମାନଙ୍କ ମଧ୍ୟରେ ଦୂରତା ବୃଦ୍ଧି ପାଇଥିଲା। ସେହିପରି ଗୋବିନ୍ଦା ଓ ଜଣେ ମରାଠୀ ଅଭିନେତ୍ରୀଙ୍କ ମଧ୍ୟରେ ବି ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିବା ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ତକ୍ତତା ସୃଷ୍ଟି ହୋଇଥିଲା। ତେଣୁ ସେମାନେ ଅଲଗା ଅଲଗା ରହୁଛନ୍ତି।



# ସୌରଭଙ୍କ ବାୟୋପିକ୍‌ରେ ରାଜକୁମାର

ବଲିଉଡ୍‌ରେ ଅନେକ କ୍ରୀଡ଼ାବିତ୍‌ଙ୍କ ଉପରେ ଫିଲ୍ମ ନିର୍ମାଣ କରାଯାଇଛି। ଏବେ' କ୍ରିକେଟର ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ? ତିଆରି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ପୂର୍ବରୁ ସୌରଭଙ୍କ ଭୂମିକାରେ ରଣବୀର କପୁର ନଜର ଆସିବେ ବୋଲି କୁହାଯାଉଥିଲା। କିନ୍ତୁ ଏବେ ରାଜକୁମାର ରାଓଙ୍କୁ ଫାଇନାଲ କରାଯାଇଥିବା ଜଣାପଡ଼ିଛି। ନିଜେ ସୌରଭ ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏହା କହିଛନ୍ତି। ଏହି ଫିଲ୍ମଟିକୁ ପରଦା ଉପରକୁ ଆସିବାକୁ ବର୍ଷେରୁ ଆହୁରି ଅଧିକ ସମୟ ଲାଗିଯିବ ବୋଲି ସେ କହିଛନ୍ତି। ଲଭ୍ ? ରଞ୍ଜନ ଓ ଅଙ୍କୁର ଗର୍ଗ ଏହି ଫିଲ୍ମଟିର ନିର୍ମାଣ କରୁଛନ୍ତି। ବିକ୍ରମାଦିତ୍ୟ ମୋଟ୍ୱାନେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଏଥିରେ ସୌରଭଙ୍କ କ୍ରିକେଟ କ୍ୟାରିୟର ଆରମ୍ଭରୁ ବିସିସିଆଇ ଅଧ୍ୟକ୍ଷ ହେବା ଯାତ୍ରାକୁ ଦେଖାଯିବ। ଏହା ଏକ ହାଇ ବଜେଟ୍ ?ର ଫିଲ୍ମ ହେବ। ବହୁତ ଜଲ୍ ?ଦି ଏହାକୁ ନେଇ ଫିଲ୍ମ ନିର୍ମାତା ବିଧିବଦ୍ଧ ଭାବେ କିଛି ଘୋଷଣା କରିପାରନ୍ତି। ସେହିଭଳି ରାଜକୁମାରଙ୍କ କାମ କଥା କହିବାକୁ ଗଲେ ସେ ଖୁବ୍ ଶୀଘ୍ର ‘ଭୁଲ୍ ଚୁକ୍ ? ମାଫ୍’ରେ ନଜର ଆସିବେ। ଏଥିରେ ତାଙ୍କ ସହ ବାମିକା ଗବ୍ବି ଦେଖାଯିବେ। କିଛିଦିନ ପୂର୍ବରୁ ଏହାର ଟିଜ ? ଜାରି କରାଯାଇଥିଲା। ଦର୍ଶକେ ଏହାକୁ ଖୁବ୍ ? ପ୍ରଶଂସା କରିଛନ୍ତି।

# ଲାଡ୍ରୋ’ ସିନେମାର ଶୁଭ ମହୁରତ

ନୂଆ ଓଡ଼ିଆ ସିନେମା ‘ଲାଡ୍ରୋ’ର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି । ପଟିଆସ୍ଥିତ ସାଇ ମନ୍ଦିର ପରିସରରେ ଆୟୋଜିତ ଏହି ମହୁରତ ଉତ୍ସବରେ ଅଭିନେତା ଅଶ୍ରୁମୋଚନ ମହାନ୍ତି, କେ.କେ., ଅର୍ଲିନ ଅଙ୍କିତା, ଶୁଭମ ସାଗର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଲଙ୍କ ନିର୍ଦ୍ଦେଶନାରେ ଏ ସିନେମାଟିର ଶୁଟିଂ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସତ୍ୟଭାମା ସିନେ ପ୍ରଡକ୍ସନ ନିବେଦିତ ସିନେମାର କାହାଣୀ ମୁଖ୍ୟତଃ ଜଙ୍ଗଲ ଓ ପରିବେଶ ସହ ସଂଶ୍ଲିଷ୍ଟ। ସିନେମାରେ ସମାଜକୁ ଜଙ୍ଗଲ ଓ ପରିବେଶର ସଚେତନତା ବାର୍ତ୍ତା ବାଣ୍ଟିବେ ନିର୍ଦ୍ଦେଶକ। ସିନେମାର ଅଭିନେତା କେ.କେ, ଟିଲୁ ଭାଇ, ଜ୍ଞାନ, ଅର୍ଲିନ ଅଙ୍କିତା ପ୍ରମୁଖ କଳାକାର ନିଜ ଚରିତ୍ରକୁ ନେଇ ଖୁସି ବ୍ୟକ୍ତ କରିବା ସହ କାହାଣୀକୁ ନେଇ ଖୁସି ଥିବା କହିଛନ୍ତି।






# ସଞ୍ଜୟ ଦତ୍ତଙ୍କ ଅଭିନୀତ ଫିଲ୍ମ ‘ଦି ଭୂତନି’ ଟିଜର ଆଉଟ୍

ଅଭିନେତା ସଞ୍ଜୟ ଦତ୍ତ । ସେ ନିଜର ଅଭିନୟ ପାଇଁ ବେଶ୍ ଜଣାଶୁଣା। ପ୍ରତ୍ୟେକ ଥର ନିଜର ଦମଦାର ଅଭିନୟ ଦେଖାଇ ସେ ଫ୍ୟାନ୍ସଙ୍କ ମନ ଜିଣିଥାନ୍ତି । ବର୍ତ୍ତମାନ ସଞ୍ଜୟ ଦତ୍ତଙ୍କ ଅଭିନୀତ ଫିଲ୍ମ ‘ଦି ଭୂତନି‘ର ଟିଜର ରିଲିଜ୍ ହୋଇଛି। ଏଥିସହ ଫିଲ୍ମ ରିଲିଜର ତାରିଖ ମଧ୍ୟ ଘୋଷଣା ହୋଇଛି। ଏହା ମଧ୍ୟ ପଢନ୍ତୁ-ପରଦାକୁ ଆସିବ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍, ଦାଦାଙ୍କ ଭୂମିକାରେ ନଜର ଆସିବେ ରାଜକୁମାର ରାଓ ’ଦି ଭୂତନି’ରେ ସଞ୍ଜୟ ଦତ୍ତଙ୍କ ସହ ମୌନି ରୟ,ପଲକ ତିୱାରୀ ଏବଂ ସନି ସିଂହଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ସଞ୍ଜୟ ଦତ୍ତ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଫିଲ୍ମ ବିଷୟରେ ସୂଚନା ଦେଇଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, ଶୁକ୍ରବାର୧୮ ତାରିଖ ! ପୂର୍ବରୁ କେବେ ଦେଖିନଥିବା ହରର , ଆକ୍ସନ୍ ଏବଂ କମେଡି ପାଇଁ ପ୍ରସ୍ତୁତ ହୁଅ ! ୧୮ ଏପ୍ରିଲରେ ପ୍ରେକ୍ଷାଳୟରେ ଭୂତନି ତାଣ୍ଡବ କରିବ ! ଭିଡିଓରେ ସଞ୍ଜୟ ଦତ୍ତ ଏକ ଭୂତ ସହିତ ଲଢୁଥିବାର ଦେଖାଯାଉଛି।




# ସଙ୍ଗୀତ ହିଁ ମୋ ଜୀବନ : ରାସ ରଞ୍ଜନ ସାହୁ

ଓଡ଼ିଶାର ସଙ୍ଗୀତ ଜଗତରେ ଯେଉଁ କୁନି କଣ୍ଠଶିଳ୍ପୀ ମାନେ ଖୁବ୍ ସୁନ୍ଦର ଓ ମନଛୁଆଁ ସଙ୍ଗୀତ ପରିବେଷଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ରାସ ରଞ୍ଜନ ସାହୁ ଅନ୍ୟତମ। ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ନିଉ ବିଦ୍ୟୁତ୍ କଲୋନୀରେ ରାସଙ୍କ ପରିବାର ବର୍ଗ ବର୍ତ୍ତମାନ ନୂତନ ବାସ ଭବନରେ ବାସ କରୁଛନ୍ତି। ରାସଙ୍କ ବାପା ଜ୍ଞାନେଶ ଚନ୍ଦ୍ର ସାହୁଙ୍କ ଜନ୍ମ ସ୍ଥାନ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମରେ। ବହୁ କୁଟୁମ୍ବୀ ପରିବାର, ସୁନ୍ଦର ପରିବାର ଓ ସମସ୍ତେ ଖୁବ୍ ଉଚ୍ଚ ଶିକ୍ଷିତ। ରାସଙ୍କ ଡାକ ନାମ କାହ୍ନା। କାହ୍ନାଙ୍କ ପିତା ଜ୍ଞାନେଶ ଚନ୍ଦ୍ର ସାହୁ ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି। କାହ୍ନାଙ୍କ ମାତା ରଶ୍ମି ରଞ୍ଜିତା ପାଣିଗ୍ରାହୀ ବର୍ତ୍ତମାନ ବରଣ୍ଡୁଆ ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ । ରାସଙ୍କ ଅଜା ବିଦ୍ୟାଧର ପାଣିଗ୍ରାହୀ ଓ ଆଇ ଭଗବତୀ ପାଣିଗ୍ରାହୀ ଓ ମାମୁଁ ପ୍ରମୋଦ ପାଣିଗ୍ରାହୀ। ଓଡିଶା ଆଦର୍ଶ ବିଦ୍ୟାଳୟ ଇରମ ରେ ସପ୍ତମ ଶ୍ରେଣୀରେ ବର୍ତ୍ତମାନ ପଢୁଛନ୍ତି ରାସ ରଞ୍ଜନ ସାହୁ। ତାଙ୍କର ଜେଜେ ବାପା ରବୀନ୍ଦ୍ର ପ୍ରସାଦ ସାହୁ ଓ ଜେଜେ ମାଆ ମାଳତୀ ଲତା ସହୁ। ଖୁବ୍ ସୁନ୍ଦର ହାର୍ମୋନୀୟମ ବଜାଇ ପାରୁଛନ୍ତି ରାସ। ରାସଙ୍କ ଗୁରୁ ହେଉଛନ୍ତି ବାସୁଦେବପୁର ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା। ରାସଙ୍କ ହାର୍ମୋନୀୟମ୍ ଗୁରୁ ହେଉଛନ୍ତି ବଳରାମ ଦାସ। ହାର୍ମୋନୀୟମ ରାଗ କେଦାର, ତିଲକ କାମଦ, ତିଲଙ୍ଗ, ମାଲ କୋସ, ପଟ ଦିଗ, ହମିର ପ୍ରଭୃତି ଶିକ୍ଷା କରିଛନ୍ତି ରାସ। ବର୍ତ୍ତମାନ ରାସ ଶାସ୍ତ୍ରୀୟ ସଙ୍ଗୀତର ତୃତୀୟ ବର୍ଷ ପଢୁଛନ୍ତି। ରାସ ଙ୍କ ଭବିଷ୍ୟତ ଲକ୍ଷ୍ୟ ପ୍ରଥମେ ଡାକ୍ତର ହେବେ ଓ ପରେ ସିଭିଲ ସର୍ଭିସ ପରୀକ୍ଷା ଦେଇ ଆଇ ଏ ଏସ ହେବେ। ତାଙ୍କର ପାଠ ପଢା ଚାଲିବ ଓ ତା ସହିତ ଏକ ଧାରାରେ ମ୍ୟୁଜିକ ରହିବ। ସେ ଖୁବ୍ ସୁନ୍ଦର ଚିତ୍ର ଆଙ୍କି ପାରନ୍ତି। ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟକୁ ଉପଲବ୍ଧି କରନ୍ତି ଓ ରଙ୍ଗ ତୂଳୀ ରେ ଚିତ୍ର ଆଙ୍କନ୍ତି। ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶରଣାଶ୍ରିତ ରାସ ଅନେକ ଆକର୍ଷଣୀୟ ଗୀତ ଗାଇଥାନ୍ତି। ସତସଙ୍ଗ କାର୍ଯ୍ୟକ୍ରମ ରେ ରାସ ଆଗରେ ବସନ୍ତି ଓ ହାର୍ମୋନୀୟମ ବଜାଇ ଗୀତ ଗାଇ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥାନ୍ତି। ରାସଙ୍କ ପ୍ରିୟ ସାଙ୍ଗ ହେଉଛନ୍ତି ଦିବ୍ୟ ଜ୍ୟୋତି ବେହେରା, ସାଇ କ୍ରୀଷ୍ଣା ପଣ୍ଡା, ସାଇ ଶୁଭମ୍ ସେଠି ଓ ଆହୁରି ଅନେକ। ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଜଣାଣ,ଆଧ୍ୟାତ୍ମିକ ଚିନ୍ତାଧାରା ର ସଙ୍ଗୀତ, ଭକ୍ତି ସଙ୍ଗୀତ, ଭଜନ କୀର୍ତ୍ତନ ପ୍ରଭୃତି ଖୁବ୍ ଭଲ ଲାଗେ ରାସଙ୍କୁ। ଅନେକ ଅନୁଷ୍ଠାନରୁ ଗୀତ ଗାଇ ପୁରସ୍କାର ଲାଭ କରିଛନ୍ତି ରାସ। ସମସ୍ତେ ତାଙ୍କୁ ଭଲ ପାଆନ୍ତି। ରାସ ଙ୍କ ପ୍ରିୟ ଭାରତୀୟ ହେଉଛନ୍ତି ମହାତ୍ମା ଗାନ୍ଧୀ, ଉତ୍କଳ ମଣି ଗୋପବନ୍ଧୁ , ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସ୍ୱାମୀ ବିବେକାନନ୍ଦ, ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ବର୍ତ୍ତମାନ ଭାରତ ବର୍ଷର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି। ହସ ହସ ମୁହଁ ଓ ମିଠା ମିଠା କଥା କହି ସମସ୍ତଙ୍କୁ ଆପଣାର କରି ନିଅନ୍ତି ରାସ । ଈଶ୍ୱରଙ୍କ କୃପାରୁ ଏହି ମେଧାବୀ ଛାତ୍ର ରାସ ରଞ୍ଜନ ସାହୁଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି କାମନା।






ଉପସ୍ଥାପନା
ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଅମରନାଥ ମନ୍ଦିରେର ମହାଶିବରାତ୍ରୀ ପାଳିତ



ଭୁବନେଶ୍ୱର, ୨୭/୨ (ନି.ପ୍ର): ଇନଫୋସିଟି ଗ୍ରୀନ୍ ସମ୍ମୁଖ ବଜରଙ୍ଗ ନଗର ସ୍ଥିତ ଅମରନାଥ ମନ୍ଦିରେର ମହାଶିବରାତ୍ରୀ ମହାସମାରୋହେର ପାଳିତ ହୋଇଯାଇଛି। ସକାଳ ୬ ଘଟିକା ସମୟେର ମଙ୍ଗଳଆଳତୀ ପେର ରୁଦ୍ରାଭିଷେକ, ଷୋଡଶ ଉପଚାର ପୂଜା, ଯଜ୍ଞ, ପୂର୍ଣ୍ଣାହୂତି, ହରିହର ଭେଟ ଅନୁଷ୍ଠିତ ହୋଇ ରାତ୍ର ସାଢ଼େ ୧୦ ଟା ସମୟେର ମହାଦୀପ ଉଠିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ନିର୍ମିତ ରାମଲାଲାଙ୍କ ମୂର୍ତ୍ତି ଓ ଭାସମାନ ଲିଙ୍ଗ ନିର୍ମାଣ କରାଯାଇଥିଲା। ଏହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, କେପାର୍ରେଟର ଯେଶାଧାରା ପ୍ରଧାନ, ଚନ୍ଦ୍ରେଶଖରପୁର ମଣ୍ଡଳ ସଭାପତି ନେଗନ ବଶୋଇ, ଯୁବେନତା ଦିଲ୍ଲିପ ମନାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର କମିଟି ସଭାପତି ପ୍ରଶାନ୍ତ କୁମାର ରାଉତରାୟ, ଉପସଭାପତି ଆଶିଷ କୁମାର ମହାନ୍ତି, ସମ୍ପାଦକ ଜଗବନ୍ଧୁ ଦାସ, ସହ ସମ୍ପାଦକ ସୁକାନ୍ତ ବାରିକ, କୋଷାଧ୍ୟକ୍ଷ ସୁଧୀର କୁମାର ଦାସ, ଉପେଦଷ୍ଟା ନୀଳକଣ୍ଠ ରାଉତ ଓ ନିରଞ୍ଜନ ପୃଷ୍ଟି, ଅଖିଳ ପ...ନାୟକ, ଭୂତନାଥ ନାୟକ, ସୁବାସ ବାରିକ, ଅନିଲ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ବିପୁଳ ଚୋରା ମଦ ଜବତ : ୫ ମହିଳା ସମେତ ୧୩ କୋର୍ଟ ଚଲାଣ

କେନ୍ଦ୍ରାପଡ଼ା, ୨୭/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ନିକିରେଇ, ଜମ୍ବୁ ମେରାଇନ, ମହାକାଳପଡ଼ା, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ରୁରାଲ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ, ବିପ୍ରଚରଣ ମଣ୍ଡଳଙ୍କ ତତ୍ୱାବଧାନରେ ଅବକାରୀ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୭୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଏବଂ ଏକ ଗୋଟି ମୋଟର ସାଇକେଲ ସହିତ ୧୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି। ଏମାନେ ହେଲେ ନୂଆଗାଓଁ ଗ୍ରାମାର ସୁନିତା ମଳିକ, ସାରସ୍ୱତୀ ଖିଲାର, ଭାରତି ରାଉତ, ଶସ୍ମିତା ଖିଲାର, ଜ୍ଞାନରଞ୍ଜନ ଦାସ, ସତ୍ୟ ଜେନା, ଶ୍ୟାମସୁନ୍ଦର ରାଉତ, ସଞ୍ଜୟ ପରିଡ଼ା, ଆଶା ରାଉତ, ଖଗେସ୍ୱର ସାହୁ, ବର୍ଷ, ପ୍ରଭାତ ମଳିକ, ଅନାମ ପାତ୍ର, ଏବଂ ଗଣେଶ୍ୱର ମଳିକ। ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୭୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ, ଧର୍ମପଦ ଦାସ, ନରେଶ ପଣ୍ଡା, ଶ୍ରୀମତୀ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଚୋରି କରିବାକୁ ଆସି କୂଅରେ ପଡିଲା ଚୋର

ଚମ୍ପୁଆ, ୨୭/୨ (ନି.ପ୍ର):– ଛେଳି ଚୋରି କରିବାକୁ ଆସି ରାତି ସାରା କୂଅରେ ପଡି ରହିଲା ଚୋର। ଏଭଳି ଅଭାବନୀୟ ଘଟଣା ଘଟିଛି ଚମ୍ପୁଆ ବ୍ଲକ ବାରିଆ ଥାନା ଅନ୍ତର୍ଗତ ଝାଲିଆବେଡା ଗ୍ରାମରେ। ଖବର ଅନୁସାରେ, ଗତ କାଲି ବିଳମ୍ବିତ ରାତିରେ ତିନି ଜଣ ଚୋର ଏକ ବାଇକରେ ଜ୍ୟୋତିପୁର ନିକଟସ୍ଥ ଝାଲିଆବେଡା ଗ୍ରାମକୁ ଛେଳି ଚୋରି କରିବାକୁ ଆସିଥିଲେ। ଛେଳି ଚୋରି କରିବାକୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବା ବେଳେ ଜଣା ପଡିବାରୁ ଚୋର ମାନେ ଧରାପଡ଼ିବା ଭୟରେ ବାଇକ୍ ଛାଡ଼ି ଦୌଡ଼ି ଚାଲି ଯିବାକୁ ଚେଷ୍ଟା କରି ଥିଲେ। ତେବେ ଅନ୍ଧାରରେ ଦଉଡି ପଳାଉଥିବା ବେଳେ ଅସାବଧାନତା ଯୋଗୁଁ ଜଣେ ଚୋର ନିକଟରେ ଥିବା ଏକ ପଥର କୂଅ ଭିତରେ ଖସି ପଡିଥିଲା। ଏହା ଦେଖି ସାଙ୍ଗରେ ଥିବା ଅନ୍ୟ ଚୋରମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। କୂଅ ଭିତରେ ଖସି ପଡିଥିବା ଚୋରକୁ ଗ୍ରାମବାସୀ ରାତି ସାରା ଜଗି ରହି ଥିଲେ। ସକାଳୁ ଗ୍ରାମବାସୀ ଖବର ଦେବା ପରେ ଅଗ୍ନିଶମ ବାହିନୀ ପହଂଚି କୂଅ ଭିତରେ ପଡିଥିବା ଚୋରକୁ ଉଦ୍ଧାର କରିଛନ୍ତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ବାଲେଶ୍ୱରରେ ପହଞ୍ଚିଲେ ୫ ଜିଲ୍ଲାର ତୀର୍ଥଯାତ୍ରୀଞ୍ଚ

ବାଲେଶ୍ୱର, ୨୭/୨ (ନି.ପ୍ର):ଞ୍ଚ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୪-୨୫ ଅନ୍ତର୍ଗତ ଆଜି ପୂର୍ବାହ୍ନ ଘ. ୪ ଟା ସମୟରେ ପର୍ଯ୍ୟାୟ କ୍ରମେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ବାଲେଶ୍ୱରର ପଦ୍ମାବତୀ ପାର୍କଠାରେ ପହଞ୍ଚିଛନ୍ତି। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଓ ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ ଏହି ସମ୍ମିଳନୀରେ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଯାତ୍ରା ତଥା ତତ୍ ସମ୍ବନ୍ଧିତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଦିଆଯାଇଥିଲା। ବାଲେଶ୍ୱରର ୧୮୦ ଜଣ, ଭଦ୍ରକର ୧୧୭ ଜଣ, ମୟୂରଭଞ୍ଜର ୧୯୬ ଜଣ, କେନ୍ଦୁଝରର ୧୪୦ ଜଣ ଓ ଯାଜପୁରର ୧୪୨ ଜଣ ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଏହି ଯାତ୍ରାରେ ଯୋଗ ଦେଉଛନ୍ତି। ବରିଷ୍ଠ ନାଗରିକଙ୍କ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି ଓ ଆସନ୍ତା ୨୭ ତାରିଖ ଦିନ ସକାଳ ପ୍ରାୟ ଘ. ୧୧.୩୦ ମି ସମୟରେ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ତୀର୍ଥଯାତ୍ରୀମାନେ ଶିରିଡ଼ି-ନାଶିକ୍ ଅଭିମୁଖେ ଯାତ୍ରା କରିବେ ଓ ଏହି ଯୋଜନା ଅନ୍ତର୍ଗତ ୭୭୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୨୫ ଜଣ ଏସ୍କର୍ଟ ଅଧିକାରୀ ରେଳ ବିଭାଗ ଯୋଗାଇଦେଉଥିବା ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ ଓ ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ସୂଚନା ଯୋଗ୍ୟ ଯେ ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇ ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରାଯାଉଛି। ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଅଛି।

# ଶ୍ରୀମତୀ କୁଂକୁମ ମିଶ୍ରଙ୍କ ବିୟୋଗରେ ଆରଏସ୍ଏସ୍‌ର ଶୋକ



ଭୁବନେଶ୍ୱର, ୨୭/୨ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଉତ୍କଳ ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘଚାଳକ ଶ୍ରୀଯୁକ୍ତ ବିପିନ୍ ବିହାରୀ ନନ୍ଦଙ୍କର ଧର୍ମପତ୍ନୀ ଶ୍ରୀମତୀ କୁଂକୁମ ମିଶ୍ରଙ୍କର ଫେବୃୟାରୀ ୨୫ ତାରିଖ ରାତି ୯.୩୫ରେ ହୃଦ୍ ?ଘାତରେ ଦେହାନ୍ତ ହୋଇ ଯାଇଛି। ଶ୍ରୀମତୀ ମିଶ୍ର ଜଣେ ଅତ୍ୟନ୍ତ ଧର୍ମପ୍ରାଣ ଏବଂ ରାଷ୍ଟ୍ରଭକ୍ତ ମହିଳା ଥିଲେ। ସେ ପୂର୍ବରୁ ମଧ୍ୟ ଦୁଇ ଥର ହୃଦ୍ ?ଘାତରେ ପୀଡିତ ହୋଇଥିଲେ। ତାଙ୍କର ସ୍ୱାମୀ ଶ୍ରୀଯୁକ୍ତ ନନ୍ଦ ବହୁ ବର୍ଷଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଉତ୍କଳ ପ୍ରାନ୍ତ ଏବଂ ଓଡିଶା ପଶ୍ଚିମ ପ୍ରାନ୍ତର ସଂଘଚାଳକ ଦାୟିତ୍ୱରେ ଥିଲେ। ସେ ବର୍ତ୍ତମାନ ଓଡିଶା ପଶ୍ଚିମ ପ୍ରାନ୍ତର କାର୍ଯ୍ୟକାରୀ ସମିତିର ସଦସ୍ୟ ଭାବେ ସଂଘ କାର୍ଯ୍ୟ କରୁଛନ୍ତି। ସ୍ୱର୍ଗତ ଶ୍ରୀମତୀ ମିଶ୍ରଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କର ବିୟୋଗରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଦୁଃଖର ଛାୟା ଖେଳି ଯାଇଛି। ସଂଘର ଓଡିଶା ପୂର୍ବପ୍ରାନ୍ତର ସଂଘଚାଳକ ଶ୍ରୀଯୁକ୍ତ ସମୀର କୁମାର ମହାନ୍ତି ଶ୍ରୀମତୀ ମିଶ୍ରଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ତାଙ୍କର ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ରାଷ୍ଟ୍ରପତି ଏକତା କୌଶଳ ବିକାଶ କେନ୍ଦ୍ରର ଶିକ୍ଷାର୍ଥୀଙ୍କର କଲେ ଉତ୍ସାହବର୍ଦ୍ଧନ

ରାଜପିପଲା ୨୭/୦୨ : ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟ ବାଗଡିୟା ଗାଁରେ ଜିଏମଆରର ଉଦଘାଟନ କରିଛନ୍ତି। ସେ ବରଲକ୍ଷ୍ମୀ ଫାଉଣ୍ଡେସନ ଦ୍ୱାରା ସଂଚାଳିତ ଏକତା କୌଶଳ ବିକାଶ କେନ୍ଦ୍ର ଗସ୍ତ କରିଛନ୍ତି, ଯେଉଁଠାରେ ସେ ବିଭିନ୍ନ ପାଠ୍ୟକ୍ରମ ଖାଦ୍ୟ ଏବଂ ପେୟ ସେବା, ହାଉସକିପିଂ ଏବଂ ଅତିଥି ସେବା ପରିଚାରକ, ଇ-ଅଟୋ-ପିଙ୍କ ଅଟୋ ଚାଳକ, ଟ୍ୟାକ୍ସି ଚାଳକ, ଇଲେକ୍ଟ୍ରିସିଆନ୍, ବ୍ୟୁଟି ଥେରାପିଷ୍ଟ, କାର୍ଯ୍ୟାଳୟ ପରିଚାଳନ କାର୍ଯ୍ୟକାରୀ ଓ ଘରୋଇ ଡାଟା ଏଂଟ୍ରିତ ଅପରେସନର ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଛନ୍ତି। ସେ ବିଭିନ୍ନ କକ୍ଷ ପରିଦର୍ଶନ କରି ଟ୍ରେନିଂ ପ୍ରାପ୍ତ କରୁଥିବା ଶିକ୍ଷାର୍ଥୀଙ୍କ ଉତ୍ସାହବର୍ଦ୍ଧନ କରିଛନ୍ତି। ରାଷ୍ଟ୍ରପତି ବିଦ୍ୟାର୍ଥୀଙ୍କ ପ୍ରସ୍ତୁତ ସାଲାଡ୍ ବ୍ୟଂଜନ, ଫଳ କଳା, ନାପକିନ୍ କଳା, କେକ ଓ ମିଠାଇ କଳାର ଅବଲୋକନ କରିଛନ୍ତି। ଖାଦ୍ୟ ଏବଂ ପେୟ ଟ୍ରେନରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସ୍ୟାଣ୍ଡୱିଚ, ଖମଣ, ଭଜିୟା, ଗୋଟା ପରି ବ୍ୟଂଜନକୁ କଳାତ୍ମକ ଢଙ୍ଗରେ ପ୍ରଦର୍ଶିତ କରାଯାଇଥିଲା।

# ୬୦ନମ୍ବର ଜାତୀୟ ରାଜପଥରୁ ରକ୍ତାକ୍ତ ଅବସ୍ଥାରେ ଯୁବକ ମୃତ ଶରୀର ଉଦ୍ଧାର



ବସ୍ତା, ୨୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅମର୍ଦାରୋଡ ଫାଣ୍ଡି ଅନ୍ତର୍ଗତ ଗୁଣ୍ଡରିମାରା ପୋଲ ଅନୀତ ଦୂରରେ ଜୈନିକ ଯୁବକର ରକ୍ତାକ୍ତ ଅବସ୍ଥାରେ ମୃତ ଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଫାଣ୍ଡି ଓ ବସ୍ତା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜାତୀୟ ରାଜପଥ ପୋଲିସ ଓ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ମୃତ ଯୁବକ ପାଖରୁ ଏକ ମୋବାଇଲ ଓ ବ୍ୟାଙ୍କରେ ଜମା ହୋଇଥିବା ରସିଦ ଜବତ କରିଛି। ତେବେ ମୃତ ଯୁବକ ହେଲେ ବ୍ରାହ୍ମଣଦା ଗ୍ରାମ ପଞ୍ଚାୟତର ମୁଳିଦା ଗ୍ରାମର ରାଜ କିଶୋର ଦାସମହାପାତ୍ରଙ୍କ ପୁତ୍ର ଦୁତି କୃଷ୍ଣ ଦାସ ମହାପାତ୍ର। ସେ ଜଣେ ମେଡ଼ିସିନ ରିପ୍ରଜେନଟିଭ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏକ ଭୋଜି ପାଇଁ ତାଙ୍କ କମ୍ପାନୀ ମ୍ୟାନେଜର ସଙ୍ଗେ ଭୋଗରାଇ ଯାଇଥିବା କଥା ତାଙ୍କୁ ଛାଡ଼ିବାକୁ ଆସିଥିବା ଜୈନିକ ଯୁବକ ପୋଲିସକୁ କହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଭୋଜି ଖାଇ ରାତ୍ରୀରେ ଫେରିବାର ଥିବାବେଳେ ବୁଧବାର ଭୋର ସମୟରେ ୬୦ ନମ୍ବର ଜାତୀୟ ରାଜପଥ ଗୁଣ୍ଡରୀମାରା ପୋଲ ଅନତି ଦୂରରେ ରାଜପଥ କଡ଼ରୁ ଜୈନିକ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତ ଶରୀର ପୋଲିସ ଉଦ୍ଧାର କରିଥିଲା। ତେବେ ସୁକଳ୍ପିତ ହତ୍ୟାକାଣ୍ଡ ନା ଦୃଘଟଣା ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରିବା ସହ ରାଜପଥ ଆମ୍ବୁଲାନ୍ସ ଯୋଗ ଶବ ବ୍ୟଚ୍ଛେଦ ପାଇଁ ପଠାଇବା ସହ ପୋଲିସ ଅଧିକ ତଦନ୍ତ ଜାରି ରଖି ଛନ୍ତି। ଖବରଟି ପ୍ରଚାର ମାତ୍ର ଡାକ୍ତରଖାନା ଠାରୁ ତାଙ୍କ ଘର ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଯାଇଥିଲା। ସେ ଜଣେ ପରଉପକାରୀ ଯୁବକ ଥିଲେ ମତରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବରିଷ୍ଠ ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ପାଇଁ ଶ୍ରଦ୍ଧାଞ୍ଜଳି



କଟକ, ୨୭/୨ (ନି.ପ୍ର): ଉତ୍କଳ ସାହିତ୍ୟ କଳାପରିଷଦ ପକ୍ଷରୁ ବରିଷ୍ଠ ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା କଟକ ଦୋଳମୁଣ୍ଡାଇ ସ୍ଥିତ ନିଳାଚଳ ସମବାୟ ଭବନ ଠାରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ଗୋପୀନାଥ ପଣ୍ଡା, ଶିଶିର କୁମାର ମହାନ୍ତି, ଅମ୍ବିକା ପ୍ରସାଦ ମହାପାତ୍ର, ପୁରୁଷୋତ୍ତମ ରାଉତ, ତ୍ରିବିକ୍ରମ ମହାରଣା, ନୃସିଂହ ଚନ୍ଦ୍ର ଦାସ, ମଞ୍ଜୁଲତା ଜେନା ପ୍ରମୁଖ ଯୋଗଦେଇ ହୃଦୟନାଥ ଦାସଙ୍କୁ ଫଟୋ ସାମ୍ବାଦିକ ଜଗତର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଭାବରେ ଅଭିହିତ କରିବା ସହିତ ଓଡ଼ିଶାରେ ଜଣେ ବରିଷ୍ଠ ଫଟୋଗ୍ରାଫର୍ ଭାବରେ ସେ ସଭା, ଗଣ ଆନ୍ଦୋଳନ, ବିକ୍ଷୋଭ ଠାରୁ ଆରମ୍ଭ କରି ବାତ୍ୟା, ବନ୍ୟା, ଘରପୋଡି, ଦୈବୀ ଦୁର୍ବିପାକରେ ପ୍ରପୀଡ଼ିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଘଟଣାକୁ ଫଟୋ ଉଠାଇ ଦୈନିକ ଖବରକାଗଜକୁ ଯୋଗାଇ ଉଦାହରଣ ସୃଷ୍ଟି କରିଥିଲେ। ସଭାପତି ଶ୍ରୀ ପଟ୍ଟନାୟକ କହିଲେ, ହୃଦୟନାଥ ଥିଲେ ଓଡ଼ିଶା ଫଟୋ ଜଗତର ପିତାମହ ଭୀଷ୍ମ ସଦୃଶ। ଜାତୀୟ, ଆନ୍ତର୍ଜାତୀୟ ଓ ଓଡ଼ିଶାର ବିଶିଷ୍ଟ ରାଜନେତା, ସଂଗ୍ରାମୀ, ବୁଦ୍ଧିଜୀବୀଙ୍କ ସଭାରେ ଭାଷଣର ଫଟୋକୁ ସେ ସୁନ୍ଦର ଭାବରେ ତାଙ୍କ କ୍ୟାମେରାରେ ଆୟତ୍ତ କରିବା ସହିତ ଲୋକମାନଙ୍କ ଦୃଷ୍ଟିକୁ ଆଣୁଥିଲେ। ତାଙ୍କ ବିୟୋଗରେ ଆମ ରାଜ୍ୟର ଅପୂରଣୀୟ କ୍ଷତି ଘଟିଲା।

# ମୌସୁମୀ ମହାନ୍ତି ନୂତନ ରୂପସା ଥାନା ଅଧିକାରୀ




ବସ୍ତା,୨୭।୨(ନିପ୍ର): ବସ୍ତା ପୁଲିସ ସବ ଡିଭିଜନ ଅଧୀନ ରୂପସା ଥାନା ର ନୂତନ ଅଧିକାରୀ ଭାବେ ଶ୍ରୀମତୀ ମୌସୁମୀ ମହାନ୍ତି ଯୋଗଦାନ କରିଛନ୍ତି। ସେ ଏଥି ପୂର୍ବରୁ ଖଇରା ଥାନାରେ ଥିଲେ। ତାଙ୍କ ସ୍ଥାନରେ ଏଠାରେ ଥିବା ସଚ୍ଚିଦାନନ୍ଦ ଗିରି ସୋରୋ ଥାନାକୁ ବଦଳି ହୋଇଛନ୍ତି। ଶ୍ରୀମତୀ ମହାନ୍ତି ଏହି ଥାନାର ଆଇନ ଶୃଙ୍ଖଳା ରକ୍ଷା ଓ ବିଭିନ୍ନ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସହାୟକ ହେବେ ବୋଲି ଲୋକେ ଆଶା ପ୍ରକାଶ କରିଛନ୍ତି।

# ପୁରୁଷୋତ୍ତମପୁର ପଂଚାୟତରେ ବିଜେପିର ମିଶ୍ରଣ ପର୍ବ

କେନ୍ଦ୍ରାପଡ଼ା, ୨୭/୨ (ନି.ପ୍ର): – କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ପୁରୁଷୋତମପୁର ପଂଚାୟତ ରେ ବିଜେପିର ପକ୍ଷରୁ ଏକ ବଡ ଧରଣର ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଂଚାୟତ ଅଧିକ କୋରୁଆ ଗ୍ରାମର ଶାମଘନ ମହାପୁରୁଷ ପୀଠ ପରିସରରେ ଏକ ବିରାଟ ମୀଶ୍ରଣ ପର୍ବର ଆୟୋଜନ କରାଯାଇ ଥିଲା। ବିଜେପି ନାରୀ ନେତ୍ରୀ ତଥା ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀଙ୍କନେତୃତ୍ୱରେ ୮ନଂ ଜୋନ ସଭାପତି ବାସୁଦେବ ତ୍ରିପାଠୀ, ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସଂପାଦକ ବାଦଲ ମଲିକ, ପ୍ରଭାତ ରଂଜନ ସ୍ୱାଇଁ, ଅଂଶୁମାନ ଦାସ, ପଂଚାୟତ ସଭାପତି ରଂଜନ ରାଉତ, ସୁଶାନ୍ତ ମଲିକ, ଅଦିତ୍ୟ ପ୍ରସାଦ ଲେଙ୍କା ପ୍ରମୁଖ ବିଜେପିରେ ଯୋଗ ଦେଇଥିବା ଶ୍ରୀକାନ୍ତ ସାହୁ, ସୁନିଲ ଦାସ, ଜ୍ଞାନ ରଂଜନ ସାହୁ, ଖଗେଶ୍ୱର ଦାସ, ରଘୁବର ମଲିକ, ମାଗୁଣି ମଲିକ, ପାଣ୍ଡବ ମଲିକ ପ୍ରମୁଖ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ନୂତନ ସଭ୍ୟଙ୍କୁ ବିଜେପି ଟୋପି ଓ ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏମାନେ ସମସ୍ତେ ବିଜେଡି ଦଳ ପରିତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ପ୍ରତି ଗଭୀର ଆସ୍ଥା ପ୍ରକଟ କରି ବିଜେପିରେ ସାମିଲ ହୋଇଛନ୍ତି।

# ମହାକୁମ୍ଭ କବିତା ଆସର

କେନ୍ଦ୍ରାପଡ଼ା, ୨୭/୨ (ନି.ପ୍ର): ରାଷ୍ଟ୍ରବାଦୀ ସାମାଜିକ ସଂଗଠନ 'ଜୟରାଷ୍ଟ୍ର ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ସ୍ଥାନୀୟ ପବ୍ଲିକ୍ ରିଡ଼ିଙ୍ଗରୁମ୍ ଠାରେ ମହାକୁମ୍ଭ କବିତା ଆସର ଅନୁଷ୍ଠିତ ହୋଇଯାଇଛି। 'ମହାକୁମ୍ଭ କବିତା ନୈବେଦ୍ୟ' ଶୀର୍ଷକ ଏହି ଆସରକୁ ବିଶିଷ୍ଟ କବି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ମହାକୁମ୍ଭ ବିଶ୍ୱଭାତୃତ୍ୱର ଏକ ମହାପର୍ବ ବୋଲି ମତବ୍ୟକ୍ତ କରିଥିଲେ। ସେ ଏହା ମଧ୍ୟ କହିଲେ, କେବଳ ସନାତନୀ ନୁହଁନ୍ତି ଭିନ୍ନ ଭିନ୍ନ ମତ ଓ ପନ୍ଥର ଶ୍ରଦ୍ଧାଳୁ ମହାକୁମ୍ଭରେ ପହଂଚି ଏହି ପବିତ୍ର ଆଧାତ୍ମିକ ଉତ୍ସବରୁ ଜୀବନର ଆନନ୍ଦ ସାଉଁଟିଛନ୍ତି। ମହାକୁମ୍ଭ ଅବସରରେ କବିତା ଆସର ଓ ଆଲୋଚନା ଅୟୋଜିତ ହେବା ଏକ ନିଆରା ସାରସ୍ୱତ ପରମ୍ପରା ବୋଲି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ କବି ଇଞ୍ଜିନିୟର ଭବାନୀ ପ୍ରସାଦ ମିଶ୍ର ମହାକୁମ୍ଭ ମେଳା ସନାତନ ସଂସ୍କୃତିକୁ ବିଶ୍ୱମ ରେ ପୁନଃ ପ୍ରତିଷ୍ଠା କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ତେବେ ମହାକୁମ୍ଭ କାବ୍ୟ ନୈବେଦ୍ୟ କାର୍ଯ୍ୟକ୍ରମ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବ ବୋଲି କବି ଭବାନୀ ପ୍ରସାଦ ମିଶ୍ର ବକ୍ତବ୍ୟରେ ପ୍ରକାଶ କରିଥିଲେ। ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ଆସରରେ କବି ରଶ୍ମିତା ସେନାପତି, ନବଜ୍ୟୋତି ରାୟ, ବୃନ୍ଦାବନ ଦାସ, ଆରାଧନା ଦାସ, ସ୍ୱପ୍ନାଂଶୁ କୁମାର ଦାସ, ଗୋଲାପ ରାଉତ, ଭରତ ଚନ୍ଦ୍ର ଜେନା, ଗୀତାଞ୍ଜଳି ସାହୁ, ଅଜୟ କୁମାର ପାତ୍ର, ରଞ୍ଜନ କୁମାର ବାଇ, ସ୍ୱର୍ଣ୍ଣମୟୀ ଷଡଙ୍ଗୀ ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ମଳୟ ସାହୁ, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ, ସରୋଜ ରାଉତ, ସନ୍ତୋଷ ପୋଥାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ମାତୃଦତ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥରବା ବେଳେ କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ହଳଦୀପଦା, ବାଲେଶ୍ୱର
ସ୍ଥାପିତ-୧୯୯୬
ନାମଲେଖା ଆରମ୍ଭ
Udise code - 21081006851
ନାମଲେଖା ଆରମ୍ଭ

ଶିଶୁ କଳିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ। ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ହଳଦୀପଦାରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷା ଅଧିକାର ଆଇନ୨୦୦୯ ଧାରା ୧୨(ସି) ଅନୁଯାୟୀ ନିଃଶୁଳ୍କ ନାମଲେଖା ଶିକ୍ଷା ବର୍ଷ ୨୦୨୫ - ୨୬ ପାଇଁ www.rteparadarshiodisha.gov.in. ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଇଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର( ଅନୁସୂଚିତ ଜାତି ଜନଜାତି, ସାମାଜିକ ଶୈକ୍ଷିକ ଅନଗ୍ରସର , ଭିନ୍ନକ୍ଷମ,ଏଚ.ଆଇ.ଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାନ୍ତ ଶିଶୁମାନଙ୍କ ପାଇଁ୨୫ ଶତକଡା ସ୍ଥାନ ସଂରକ୍ଷଣ ରହିଛି।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ହଳଦୀପଦା, ବାଲେଶ୍ୱର

ଯୋଗାଯୋଗ - ୮୨୪୯୨୪୨୦୬୯, ୯୫୫୬୩୭୮୬୮୮, ୮୭୬୩୩୬୭୩୪୮



## ବିବେକାନନ୍ଦ ଶିଶୁ ମନ୍ଦିର

ବିବେକାନନ୍ଦ ବିହାର
ମିତ୍ରପୁର, ବାଲେଶ୍ୱର
ନାମଲେଖା ଆରମ୍ଭ
Udise code - 21080710181
ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଉତ୍କଳ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଏବଂ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆମ୍ଭ ବିବେକାନନ୍ଦ ଶିକ୍ଷା ମନ୍ଦିର, ବିବେକାନନ୍ଦ ବିହାର ମିତ୍ରପୁର, ବାଲେଶ୍ୱରରେ ନର୍ସରୀ (ଶିଶୁବାଟିକା) ଶ୍ରେଣୀ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଆରମ୍ଭ ହୋଇଛି। ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଏହି ବିଦ୍ୟାଳୟରେ କଳା, ସଂସ୍କୃତି, ବିଜ୍ଞାନ ଏବଂ ଆଧୁନିକ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ରହିଛି। ସରକାରୀ ନିୟମ ଅନୁସାରେ ସ୍ୱତନ୍ତ୍ର ବର୍ଗର ୨୫% (ଶତକଡା ପଚିଶି ଭାଗ) ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ଅଛି।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିଶୁ ମନ୍ଦିର
ବିବେକାନନ୍ଦ ବିହାର, ମିତ୍ରପୁର, ବାଲେଶ୍ୱର

ଯୋଗାଯୋଗ - ୯୯୩୭୮୭୮୭୭୨

# ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିରରେ ଜାଗର ଉତ୍ସବ




ବାଲେଶ୍ୱର, ତା୨୭/ ୦୨: (ନି.ପ୍ର): ମହାଶିବରାତ୍ରି ଅବସରରେ ସହଦେବଖୁଣ୍ଟାର ବ୍ୟାସକବିନଗରରେ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମହା ସମାରୋହରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମଙ୍ଗଳଆଳତୀ ପରେ ଶିବ ଭକ୍ତମାନଙ୍କର ମନ୍ଦିରରେ ଭିଡ଼ ଲାଗି ରହିଥିଲା। ଦିବସବ୍ୟାପୀ ବହୁ ଦମ୍ପତ୍ତି ୧୦୮ ବେଲପତ୍ର ଦେଇ ପୂଜାର୍ଚ୍ଚନା କରିବା ସହ ଦୀପ ଜାଳିଥିଲେ। ସନ୍ଧ୍ୟା ଆଳତୀ ପରେ ଶହଶହ ଶ୍ରଦ୍ଧାଳୁ ଦୀପ ଜାଳି ରାତିସାରା ଉଜାଗର ରହିଥିଲେ। ମୁକୁନ୍ଦ ମୁରାରୀ ଦାସ ଓ ତାଙ୍କ ଧର୍ମପତ୍ନୀ ଚାରିପ୍ରହର ପୂଜା କରିଥିଲେ। ପଣ୍ଡିତ ଶ୍ରୀ ତପନ ନନ୍ଦଶର୍ମା ଓ ତାଙ୍କ ସାଥୀ ପଣ୍ଡିତମାନେ ସମସ୍ତ ନୀତି ଓ ହୋମ ଯଜ୍ଞ କାର୍ଯ୍ୟ ସୁସଂପାଦନ କରିଥିଲେ। ରାତି ୪ଟାରେ ମହାଦୀପ ମନ୍ଦିର ଶୀର୍ଷକୁ ଉତ୍ତୋଳନ ବେଳେ ଘଣ୍ଟଘଣ୍ଟା, ଶଙ୍ଖ ହୁଳହୁଳି ନାଦରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସନ୍ଧ୍ୟାରେ ଆଧାତ୍ମିକ ଭାବର ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ରାତି ୧୦ଟା ପରେ ପଣ୍ଡିତ ଶ୍ରୀ ବଂଶୀଧର ପଣ୍ଡା ଭାଗବତ କଥାମୃତ ଉପରେ ପ୍ରବଚନ ଦେଇଥିଲେ। ବ୍ୟାସକବି ନଗର ବିକାଶ ପରିଷଦର ସଭାପତି ସଞ୍ଜୟ ଚୌଧୁରୀ ଓ ସଂପାଦକ ବିନୋଦ ପଣ୍ଡାଙ୍କ ସମେତ ପରିଷଦ ଓ ସ୍ଥାନୀୟ ରୟାଲ୍ କ୍ଲବ୍‌ର କର୍ମକର୍ତ୍ତାମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ପ୍ରତ୍ୟକ୍ଷ ସହଯୋଗ କରିଥିଲେ। ଗୁରୁବାର ଦିନ ପ୍ରଭାତରେ ମନ୍ଦିର ପହଡ଼ ଖୋଲିବା ପରେ ସ୍ଥାନୀୟ ଅଧିବାସୀମାନେ ଶିବଶମ୍ଭୁଙ୍କର ବଡ଼ସିଙ୍ଗାର ବେଶ ଦର୍ଶନ କରି ଘର୍ଷଣ ଭୋଗ ପାଇଥିଲେ।

# ଆଧାର ନାହିଁ ବୋଲି ନେଲେନାହିଁ ଆଡ଼ମିସନ : ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା 'ରାଇମଣି'



ଉଦଳା, ୨୭/୦୨(ନି.ପ୍ର)-ୟେ ହେଉଛି କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଜୟଘୁଂଟିଆ ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ରାମେଶ୍ୱର ମାଝୀଙ୍କର କନ୍ୟା 'ରାଇମଣି' ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଥିବାର ଗଣମାଧ୍ୟମକୁ ଜଣାଇଛନ୍ତି । ଖବର ନେବାରୁ ଜଣାଯାଇଛି ଗ୍ରାମ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ 'ରାଇମଣି' ୫ମ ଶ୍ରେଣୀ ପାସ କରିଛନ୍ତି । ପରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । ରାଇମଣିଙ୍କର ଆଧାର କାର୍ଡ଼ ନଥିବାରୁ ନାମ ନଲେଖାଇ ଫେରାଇ ଦେଲେ। କିଛିବର୍ଷ ପରେ 'ରାଇମଣି'ଙ୍କର ନୂଆ ଆଧାରକାର୍ଡ଼ ଆସିଲା । ନୂଆ ଆଧାରକାର୍ଡ଼ ସାଙ୍ଗରେ ନେଇ ପୁଣିଥରେ ବିଦ୍ୟାଳୟକୁ ଯିବାରୁ ଶିକ୍ଷକ / ଶିକ୍ଷୟିତ୍ରୀମାନେ ତୁମର ବୟସ ଅତିକ୍ରାନ୍ତ ହୋଇଗଲାଣି ତେଣୁ ଆମେ ନାମଲେଖାଇ ପାରିବୁ ନାହିଁ ବୋଲି ରୋକଠୋକ ମନା କରି ବିଦା କରିଦେଲେ । ଏହିପରି 'ରାଇମଣି' ସବୁଦିନ ପାଇଁ ପାଠ ପଢ଼ାରେ ଡ଼ୋରିବାନ୍ଧି ଦେବାକୁ ବାଧ ହୋଇଥିବାର କହିଛନ୍ତି । 'ରାଇମଣି'ଙ୍କର ବର୍ତ୍ତମାନ ବୟସ ୧୫ ବର୍ଷ ଛୁଇଁଥିବା ବେଳେ ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା. ଚାଉଳ ମଧ୍ୟ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଏହି ବୟସର ପିଲାଙ୍କୁ ପାଠ ପଢ଼ା ସହିତ ବାନ୍ଧି ନରଖିବା ଫଳରେ ବାଲ୍ୟ ବିବାହର ମାତ୍ରା ଖୁବ୍ ଦୃତ ଗତିରେ ବଢ଼ିବଢ଼ି ଚାଲିଥିବାର ଖବର ଆମର ହସ୍ତଗତ ହୋଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହେଉଛି ।

# ଦାଦନ ଦୁଃଖ, ଇଟାଭାଟିରେ ଗଲା ଶ୍ରମିକଙ୍କ ଜୀବନ: ସାଂସଦଙ୍କ ପ୍ରଚେଷ୍ଟାରେ ଗାଁକୁ ଫେରିଲା ମୃତଦେହ



ନୀଳଗିରି,୨୭/୨(ନି.ପ୍ର) :ସ୍ତ୍ରୀ, ପିଲାଛୁଆ ମୁହଁରେ ଦାନା ଗଣ୍ଡାଏ ଦେବାପାଇଁ ଭିଟାମାଟି ଛାଡ଼ି ସୁଦୂର ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଗୋହିରଣା ଗ୍ରାମର ସ୍ୱର୍ଗତ କନ୍ଦା ମାଝୀଙ୍କ ପୁଅ ପଦନ ମାଝୀ (୩୬) ଆନ୍ଧ୍ରପ୍ରଦେଶ ରାଜ୍ୟ ତିରୁପତି ଅଞ୍ଚଳର ମାଟିରେଡି ଗଡିପାଲି ଠାରେ ଜେଏନ୍‌ଆର୍ ନାମକ ଇଟାଭାଟିରେ ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଇଟାବୋଝେଇ ଟ୍ରାକ୍ଟର ଇଟା ଅନଲୋଡ କରି ଫେରୁଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁଁ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ପଦନଙ୍କ ଜୀବନ ଚାଲିଯାଇଥିଲା। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ସୂଚନା ମିଳିଥିବା ବେଳେ ସ୍ଥାନୀୟପୋଲିସ ଶବ ଜବତ କରିଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଭଳି ଦୁଃଖଦ ଘଟଣା ସମ୍ପର୍କରେ ଅବଗତ ହେବାପରେ ଆନ୍ଧ୍ରସରକାର, ସ୍ଥାନୀୟ ପ୍ରଶାସନ ଏବଂ ସଂପୃକ୍ତ ଇଟାଭାଟି ମାଲିକଙ୍କ ସହ ଆଲୋଚନା କରି ଶବକୁ ଓଡ଼ିଶା ଆଣିବାର ସମସ୍ତ ବ୍ୟବସ୍ଥା କରିବାପରେ ଶବବ୍ୟବଚ୍ଛେଦ ପରେ ମୃତଦେହ ଆସୁଥିବା ଜଣାଯାଇଛି। ତେବେ ସଂପୃକ୍ତ ଶ୍ରମିକଜଣକ ଅତ୍ୟନ୍ତ ଗରୀବଶ୍ରେଣୀର ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଯମୁନା ଏବେ ସମ୍ପୂର୍ଣ୍ଣ ନିରାଶ୍ରୟା। ଯୁବକଙ୍କ ଦୁଇଝିଅରୁ ବଡ଼ଝିଅ ବାହା ହୋଇଯାଇଥିବା ବେଳେ ସାନଝିଅ ଚଳିତ ହାଇସ୍କୁଲ ବୋର୍ଡ ପରୀକ୍ଷା ଦେଉଥିଲେ। ବାପାଙ୍କ ମୃତ୍ୟୁ ଖବରପାଇ ଝିଅର ପରୀକ୍ଷାଦେବା ଆଶା ମଉଳିଯାଇଛି। ସଂପୃକ୍ତ ଆଦିବାସୀ ପରିବାରକୁ ସରକାରୀ ଏବଂ ବେସରକାରୀ ସ୍ତରରେ ସହଯୋଗ କରିବାକୁ ପରିବାର ସମେତ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବରାତ୍ରି ପର୍ବ ପାଳିତ



ବାସୁଦେବପୁର,୨୭/୨(ନି.ପ୍ର) :ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମ ପଞ୍ଚାୟତର ଜୟକୃଷ୍ଣପୁର ଗ୍ରାମରେ ମହା ସମାରୋହରେ ଶିବରାତ୍ରି ଉତ୍ସବ ଓ ଜାଗର ଯାତ୍ରା ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବାବା ନୀଳକଣ୍ଠେଶ୍ୱର ମନ୍ଦିର ରେ ପୂଜାର୍ଚ୍ଚନା କରା ଯାଇଥିଲା ଓ ହଜାର ହଜାର ଭକ୍ତ ଏଠାରେ ଯୋଗ ଦେଇଥିଲେ। ହର ହର ମହାଦେବ ଓ ଓଁ ନମଃ ଶିବାୟ ଧ୍ୱନି ରେ ଏହି ସୁନ୍ଦର ଆଧାତ୍ମିକ ପରିବେଶ ପ୍ରକମ୍ପିତ ହୋଇ ଥିଲା। ବ୍ରାହ୍ମଣ ପୁରୋହିତ ମନ୍ତ୍ର ପାଠ କରିଥିଲେ। ସମସ୍ତ ନୀତି କାନ୍ତି ଠିକ୍ ଭାବେ ସମ୍ପନ୍ନ ହୋଇଥିଲା। ଏହି ଶିବରାତ୍ରି ଉତ୍ସବର ମୁଖ୍ୟ ଆୟୋଜକ ତଥା ଜଗନ୍ନାଥ ପ୍ରସାଦ ପଂଚାୟତର ପୂର୍ବତନ ସରପଞ୍ଚ ସମାଜସେବୀ ଭାଗିରଥୀ ବଳ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଓ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ବୁଝିଥିଲେ। ଏହି ଉତ୍ସବରେ ସମାଜସେବୀ ଭାଗିରଥୀ ବଳଙ୍କ ଧର୍ମ ପତ୍ନୀ ମଞ୍ଜୁଲତା ବଳ,ଭାଇ ଶତ୍ରୁଘ୍ନ ବଳ, ବିଜୟ ବଳ, ଶରତ ବଳ, ଭରତ ବଳ, ସୁବାସ ବଳ, ବିଲୁ ବଳ, ପୁତ୍ର ରାଜା ରଣଜିତ୍ ପ୍ରତାପ ବଳ, ଲଲାଟେନ୍ଦୁ ବଳ ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥ ପ୍ରସାଦ ପଂଚାୟତର ସାମାଜିକ କର୍ମୀ ହରେକୃଷ୍ଣ ଭାଇ, ମୁକ୍ତିକାନ୍ତ ଭାଇ, ବହୁ ସଂଖ୍ୟାରେ ଭାଇ ଭଉଣୀ ଜନ ସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ଶିବାନୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା। ସମାଜସେବୀ ଶ୍ରୀ ବଳ ଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି ବାଥୁଡ଼ି ଜନଜାତିର ଢ଼ଗଢ଼ମାଳି : ପ୍ରମିଳା ପଣ୍ଡା



ଉଦଳା,୨୭/୦୨(ନି.ପ୍ର)-ବାଥୁଡ଼ି ଜନଜାତି ମଧ୍ୟରେ ପ୍ରଚଳିତ ଥିବା ଢ଼ଗଢ଼ମାଳି ଓ ଲୋକ କଥା ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କହିଛନ୍ତି। ଖାଲିସେତିକି ନୁହେଁ ଓଡ଼ିଆ ଭାଷା ସାହିତ୍ୟକୁ ବଂଚାଇ ରଖିବାରେ ବାଥୁଡ଼ି ଜନଜାତିର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାଇଛନ୍ତି । ବାଥୁଡ଼ି ଜନଜାତିର ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ବପର୍ବାଣୀ ସମ୍ପର୍କରେ ଆହୁରି ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ନଗରପାଳ ଶ୍ରୀମତୀ ପଣ୍ଡାମତ ଦେଇଛନ୍ତି । ଆଗାମୀ ଦିନରେ ବାଥୁଡ଼ି ଜନଜାତିର ଲୋକେ ଏଥିପାଇଁ ଉଦ୍ୟମ କରିବେ ବୋଲି ସେ ଆଶା ବାନ୍ଧିଛନ୍ତି ।

## ବଲାଙ୍ଗୀର ମହାରାଣୀ ସାଗରଠାରେ ଶିବରାତ୍ରି ଦିନ ପ୍ରତୀକାତ୍ମକ ଅମୃତ ସ୍ନାନ କଲେ ସାଧୁ ସନ୍ଥ

ବଲାଙ୍ଗୀର,୨୭/୨(ନି.ପ୍ର) : ସନାତନ ଧର୍ମର ସବୁଠୁ ବଡ଼ ମେଳା ମହାକୁମ୍ଭ ଅବସରରେ ବୁଧବାର ବଲାଙ୍ଗୀର ମହାରାଣୀ ସାଗର ଠାରେ ପ୍ରତୀକାତ୍ମକ ଅମୃତ ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାର ଭୋର ୪ଟା ୩୦ ମିନିଟ୍‌ରୁ ଏଠାରେ ଅମୃତ ସ୍ନାନ କାର୍ଯ୍ୟକ୍ରମ ପାଇଁ ପୂଜାବିଧି ଆରମ୍ଭ ହୋଇଥିଲା। ତ୍ରିବେଣୀ ସଙ୍ଗମ ଠାରୁ ମକର ସଂକ୍ରାନ୍ତି, ମଉନୀ ଅମାବାସ୍ୟା, ଶ୍ରୀ ପଂଚମୀ ଏବଂ ମାଘପୂର୍ଣ୍ଣିମାର ଅମୃତ ସ୍ନାନ ଯୋଗରେ ସଂଗୃହୀତ ୪ କୁମ୍ଭର ପବିତ୍ର ଜଳରେ ମହାରାଣୀ ସାଗରରେ ଅଭିଷେକ, ପୂଜାର୍ଚ୍ଚନା ଏବଂ ମହାଆରତିର ଆୟୋଜନ କରାଯାଇଥିଲା। ପୂଜକ ନିରଞ୍ଜନ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ସକାଳ ୫ଟା ୩୦ରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥ, ସନ୍ନ୍ୟାସୀ, ମଠାଧୀଶ ଏବଂ ମହନ୍ତ ଅମୃତ ସ୍ନାନ କରିବା ପରେ ଶ୍ରଦ୍ଧାଳୁମାନେ ସେଠାରେ ଅମୃତ ସ୍ନାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାକୁମ୍ଭରେ ମହାସ୍ନାନ ...

ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କର୍ମଚାରୀ ମାନଙ୍କୁ ମାନପତ୍ର ଦିଆଯାଇଛି । ଏଥିସହ ସଫେଇ କର୍ମଚାରୀଙ୍କ ସହ ବସି ଭୋଜନ କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ସେପଟେ ରେଳ କର୍ମଚାରୀଙ୍କୁ ଭେଟିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ସଫଳ ଆୟୋଜନ ପାଇଁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ମହାକୁମ୍ଭ ପାଇଁ ୧୬ ହଜାର ଟ୍ରେନ ଗଡ଼ିଛି । ପ୍ରାୟ ୫ କୋଟିରୁ ଅଧିକ ଲୋକ ଟ୍ରେନ ଯୋଗେ ପ୍ରାୟାଗରାଜରେ ପହଞ୍ଚିଛନ୍ତି । ରେଳ ବିଭାଗର ଯେଉଁ ବ୍ୟବସ୍ଥା ମାନୁଆଲ ରହିଛି ସେସବୁକୁ ସ୍ୱୟଂଚାଳିତ କରିବାକୁ ପ୍ରୟାସ ଚାଲିଥିବା କହିଛନ୍ତି ରେଳମନ୍ତ୍ରୀ । ଜାନୁଆରି ୧୩ ତାରିଖରୁ ଆରମ୍ଭ ହୋଇଥିଲା ମହାକୁମ୍ଭ । ମେଳାରେ ୩ଟି ଅମୃତ ସ୍ନାନ ସମେତ ୬ଟି ସ୍ୱତନ୍ତ୍ର ସ୍ନାନ ଦେଖିବାକୁ ମିଳିଥିଲା । ମହାଶିବରାତ୍ରୀରେ ମହାସ୍ନାନ ଶେଷ ହୋଇଥିଲେ ବି ଏବେ ମଧ୍ୟ ଅନେକ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବାକୁ ଆସୁଥିବା ଦେଖିବାକୁ ମିଳିଛି ।

### ମଣିପୁରରେ ବଡ଼ ଅସ୍ତ୍ରଶସ୍ତ୍ର...

ରାଜ୍ୟପାଳ ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ସାତ ଦିନ ମଧ୍ୟରେ ଏପରି ଅସ୍ତ୍ର ସେମାନଙ୍କର ନିକଟତମ ସୁରକ୍ଷା ପ୍ରତିଷ୍ଠାନକୁ ସମର୍ପଣ କରିବାକୁ ଆହ୍ୱାନ କରିଥିଲେ, କହିଥିଲେ ଯେ କୌଣସି ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ତଥାପି, ସେ କହିଥିଲେ ଯେ ଏହି ଅବଧି ଶେଷ ହେବା ପରେ ଏପରି ଅସ୍ତ୍ର ରଖିବା ପାଇଁ 'କଠୋର କାର୍ଯ୍ୟାନୁଷ୍ଠାନ' ନିଆଯିବ। ୨୦୨୩ ମଇ ମାସରେ ଆରମ୍ଭ ହୋଇଥିବା ଏହି ସଂଘର୍ଷ ସମୟରେ ରାଜ୍ୟ ଅସ୍ତ୍ରାଗାରରୁ ପ୍ରାୟ ୬,୦୦୦ ଅସ୍ତ୍ରଶସ୍ତ୍ର ଲୁଟ ହୋଇଛି। ୨୧ ମାସ ପରେ ମଧ୍ୟ, ଏହି ଅସ୍ତ୍ରାଗାରଗୁଡ଼ିକରୁ ଅସ୍ତ୍ରଶସ୍ତ୍ର ଜବତ କରିବା ପାଇଁ ବିକ୍ଷିପ୍ତ ପ୍ରୟାସ ଚାଲିଛି।

### ସୂଚନା ଅଧିକାରୀ କର୍ମୀ...

ସେ ଉପରେ ତଦନ୍ତ ହେଉ। ଜୁଡିସିଆରୀ ତଦନ୍ତ ହେଉ। ତତ୍କାଳୀନ ଏଜି ଅଶୋକ ପରିଜା କିଟ୍ ପାଇଁ ଲଢ଼ିଥିଲେ, ସେତେବେଳେ ସେ ସମୟରେ ଚର୍ଚ୍ଚା ଜୋର ଧରିଥିଲା। ଅଚ୍ୟୁତ ସାମନ୍ତ ଯଦି ଭଲ, ସେ ସମୟରେ କିଟ ସୂଚନା ଅଧିକାର ସମୟରେ ତଥ୍ୟ ଦେବାର ଥିଲା। କାହିଁକି ଦେଲେ ନାହିଁ, କାରଣ ସେ ଭୁଲ ଥିଲେ। ସେତେବଳେ ଜଷ୍ଟିସ ବିଶ୍ୱନାଥ ରଥ ମଧ୍ୟ ସୂଚନା ଅଧିକାର କର୍ମୀଙ୍କ ୯୨ ପୃଷ୍ଠାର କାଗଜକୁ ଷ୍ଟେ କରିଦେଇଥିଲେ। ଯେଉଁ ବୁଦ୍ଧିଜୀବୀ ମାନେ ଆଜି ଅଚ୍ୟୁତ ସମାନ୍ତଙ୍କ ପାଇଁ ଓକିଲାତି କରୁଛନ୍ତି ସେମାନଙ୍କୁ ଆର୍ଟିଆ କର୍ମୀ କହିଛନ୍ତି କିଟ୍ କିସ୍ ଭଲ ସଂସ୍ଥା ତାଙ୍କ ପିଲାଙ୍କୁ ପାଠ ପଢ଼ାନ୍ତୁ , ଅସୁବିଧା ନାହିଁ କିନ୍ତୁ ପିଲାଙ୍କୁ ମାଡ଼ ମାରିବା କଣ ଠିକ କି ? ତାହା ଉପରେ ତଦନ୍ତ ହେଉ ବୋଲି ସେ ବୁଦ୍ଧିଜୀବୀ ମାନେ କାହିଁକି କହୁ ନାହାନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ ।

# ବାସୁଦେବପୁର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ



ବାସୁଦେବପୁର,୨୭/୨(ନି.ପ୍ର) :ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷ ରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ତନ୍ମିତା କର, ସହକାରୀ ଯନ୍ତ୍ରୀ ଅନିମେଶ ସୁବୁଦ୍ଧି ରାୟ, ଜି ପି ଇ ଓ, ବିଜେପିର ଯୁବ ନେତା ଉଦୟ ନାରାୟଣ ମଲ୍ଲିକ। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ଆଲୋଚନା ହୋଇ ଥିଲା। ବିଭିନ୍ନ ପଂଚାୟତର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇ ଥିଲା। ବିଭିନ୍ନ ପଂଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜନ ପ୍ରତିନିଧି ଯୋଗ ଦେଇଥିଲେ।

# ସରକାରୀ ଗୋଚର ଜମିକୁ ଜବରଦଖଲ ଉଚ୍ଛେଦ ପାଇଁ ପୁଣି ମାର୍ଚ୍ଚ ୧୦ ରେ ତହସିଲ କାର୍ଯ୍ୟାଳୟ ଆଗରେ ଅନଶନ

ଜଳେଶ୍ୱର ୨୭/୨(ନିପ୍ର) ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ଖୁଆଡ଼ ରାଜସ୍ୱ କାର୍ଯ୍ୟାଳୟ ଅଧିନସ୍ଥ ପୁରୁଣାପାଣି ମୌଜାର ମହୁଡ଼ମା ଗ୍ରାମରେ ଥିବା ଖାତା ନମ୍ବର ୬୩୫ ପ୍ଲଟ ନମ୍ବର ୧୩୫ ରେ ୧୯ ଏକର ପରିମିତ ଗୋଚର ଜମି ଓ ୬୩୪ ଖାତା ନମ୍ବର୍ ପ୍ଲଟ୧୨୯ ରେ ଥିବା ୧ଏକର ୩ଡ଼ିସିମିଲ ସର୍ବସାଧାରଣ ମେଲଣ ପଡିଆକୁ ଏବେ ୨୪ରୁ ଉର୍ଦ୍ଧ୍ୱ ଜବର ଦଖଲ କାରୀମାନେ ବ୍ୟବସାୟ ପାଇଁ ଛୋଟ ବଡ ଦୋକାନ ଗୃହ ସାଙ୍ଗକୁ କେବିନ୍ ପକାଇ ଦୀର୍ଘ ବର୍ଷ ହେଲା ଅବରୋଧ କରିରଖିଛନ୍ତି ଯାହା ଫଳରେ ରଥ ଯାତ୍ରା ସମୟରେ ରାସ୍ତା ଉପରେଲୋକଙ୍କ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେବା ସହିତ ଗୋଚର ଜମିରେ ଆଉ ଗରୁ ଗାଈଚରିବାକୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଏ ନେଇ ଗ୍ରାମର ସମାଜ ସେବୀ ଅନନ୍ତ ଦାସ ଦୀର୍ଘ ବର୍ଷ ହେଲା କୋର୍ଟର ଆଶ୍ରୟ ନେବା ଠାରୁ ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ଦୌଡ଼ି ଜବର ଦଖଲ ଉଚ୍ଛେଦ ପାଇଁ ଡିସେମ୍ବର ମାସ ୨୩ ତାରିଖ ଦିନ ଜଳେଶ୍ୱର ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ ଏହା ପରେ ଜଳେଶ୍ୱର ତହସିଲଦାର୍ ସତ୍ୟଜିତ ଜବର ଦଖଲ ଉଚ୍ଛେଦ ନେଇ ପ୍ରତିଶ୍ରୁତି ଦେବାରୁ ଅନଶନଭଙ୍ଗ କରିଥିଲେ ପ୍ରତିଶ୍ରୁତିର ୨ମାସ ବିତିଥିଲେ ମଧ୍ୟ ଉକ୍ତ ଜବର ଦଖଲ କାରୀ ଦୋକାନୀ ମାନଙ୍କୁ ଜଳେଶ୍ୱର ତହସିଲ ପକ୍ଷରୁ ନୋଟିସ୍ ଜାରି କରି ଉଚ୍ଛେଦ ନ ହେବାରୁ ପୁଣି ମାର୍ଚ୍ଚ ୧୦ ତାରିଖରୁ ସମାଜ ସେବୀ ଅନନ୍ତ ଦାସ ଜଳେଶ୍ୱର ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି କହିଥିଲେ ।


## ଖଡ଼ଗପୁର ଡିଭିଜନରେ କ୍ଷୁଦ୍ର ୟୁନିଟ୍ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ୍

ଇ-ନିଲାମ ନୋଟିସ୍ ନମ୍ବର:**KGP/Catg-MPS&WVM/2025** ତାରିଖ ୨୬.୦୨.୨୦୨୫ ଭାରତୀୟ ସଂଘର ସଭାପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ। ଖଡ଼ଗପୁର (2 Nos), ଶଲିମାର (1 No.), ଝାରଗ୍ରାମ (1 No.), ଜଳେଶ୍ୱର (3 Nos.), କାନ୍ଥି (2 Nos.), ରୁପସା (1 No.), ବେଲଦା (1 No.), ଡାନ୍ତୁନ୍ (1 No.), ଚକୋଲିଆ (1 No.) ମାର୍କୋଣା (1 No.) ଏବଂ ପାଉଁସକୁରା (1 No.) ୦୫ (ପାଞ୍ଚ) ବର୍ଷ ପାଇଁ ଖଡ଼ଗପୁର ବିଭାଗ ଭିଡିଓ କ୍ୟାଟାଲଗ୍ ନଂ: **KGP-MPS-25-04**, ନିଲାମ ତାରିଖ: ୧୩.୦୩.୨୦୨୫, ନିଲାମ ଆରମ୍ଭ / ବନ୍ଦ ସମୟ ୧୨:୦୦ ଏବଂ ୧୪:୫୦ ଘଣ୍ଟା । ଯଥାକ୍ରମେ ଖଡଗପୁର ଡିଭିଜନରେ ଖଡଗପୁର (୧ନମ୍ବର), ବାଲେଶ୍ୱର (୨ନମ୍ବର), ସାନ୍ତରାଗାଛି (୧ନମ୍ବର), ମିଦନାପୁର (୧ନମ୍ବର), ଘାଟଶିଳା (୧ନମ୍ବର), ଝାରଗ୍ରାମ (୧ନମ୍ବର), ଜଳେଶ୍ୱର (୧ନମ୍ବର), ଏବଂ ହିଜଲି (୧ନମ୍ବର) ଷ୍ଟେସନରେ **WVM** ର ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ଇ-ନିଲାମ କ୍ୟାଟାଲଗ୍ ୦୫ (ପାଞ୍ଚ) ବର୍ଷ ପାଇଁ କ୍ୟାଟାଲଗ୍ ନମ୍ବର: **KGP- WVM-25-01**, ନିଲାମ ତାରିଖ: ୧୩.୦୩.୨୦୨୫, ନିଲାମ ଆରମ୍ଭ/ବନ୍ଦ ସମୟ ଯଥାକ୍ରମେ ୧୫:୩୦ ଏବଂ ୧୭:୩୦ ଘଣ୍ଟା। ଇ-ନିଲାମ କ୍ୟାଟାଲଗ୍ ଖଡ଼ଗପୁର ଡିଭିଜନର ଶାଲିମାର ରେଳ ଷ୍ଟେସନରେ ୦୫ (ପାଞ୍ଚ) ବର୍ଷ ପାଇଁ ୪ ଟି **MPS** ୟୁନିଟ୍ ପ୍ରଦାନ ପାଇଁ କ୍ୟାଟାଲଗ୍ ନମ୍ବର: **KGP-MPS-25-05**, ନିଲାମ ତାରିଖ: ୧୪.୦୩.୨୦୨୫, ନିଲାମ ଆରମ୍ଭ/ ବନ୍ଦ ସମୟ ଯଥାକ୍ରମେ ୧୦:୦୦ ଏବଂ ୧୧:୦୦ ଘଣ୍ଟା। ଖଡଗପୁର ଡିଭିଜନରେ ଖଡଗପୁର (୧ ନମ୍ବର), ହାଓର (୧ ନମ୍ବର), ଆନ୍ଦୁଲ (୧ ନମ୍ବର), କୋଲାଘାଟ (୧ ନମ୍ବର), ଆବଡା (୧ ନମ୍ବର), ଗିରିମାଇଦାନ (୧ ନମ୍ବର), ସୋରୋ (୧ ନମ୍ବର), ଆମତା (୧ ନମ୍ବର), ଶାଲିମାର (୩ ନମ୍ବର) ଏବଂ ମୌରିଗ୍ରାମ (୧ ନମ୍ବର) ରେଳ ଷ୍ଟେସନରେ କ୍ୟାଟରିଂ ୟୁନିଟ୍ ଯୋଗାଣ ପାଇଁ ଇ-ନିଲାମ କ୍ୟାଟାଲଗ୍ ୦୫ (ପାଞ୍ଚ) ବର୍ଷ ପାଇଁ କ୍ୟାଟାଲଗ୍ ନମ୍ବର: **CATG- KGP-25-03**, ନିଲାମ ତାରିଖ: ୧୪.୦୩.୨୦୨୫, ନିଲାମ ଆରମ୍ଭ/ବନ୍ଦ ସମୟ ୧୨:୦୦ ଏବଂ ୧୪:୨୦ ଘଣ୍ଟା। ଖଡ଼ଗପୁର ଡିଭିଜନରେ ଖଡ଼ଗପୁର ରେଳ ଷ୍ଟେସନରେ ୦୫ (ପାଞ୍ଚ) ବର୍ଷ ପାଇଁ ୨ ଟି କ୍ୟାଟରିଂ ୟୁନିଟ୍ ବ୍ୟବସ୍ଥା ପାଇଁ ଇ-ନିଲାମ କ୍ୟାଟାଲଗ୍ କ୍ୟାଟାଲଗ୍ ନମ୍ବର: **CATG-KGP-25-04**, ନିଲାମ ତାରିଖ: ୧୭.୦୩.୨୦୨୫, ନିଲାମ ଆରମ୍ଭ/ବନ୍ଦ ସମୟ ୧୨:୦୦ ଏବଂ ୧୨:୪୦ ଘଣ୍ଟା। ଯାହା **https://www.ireps.gov.in/website** ରେ ସୂଚିତ କରାଯାଇଛି। ଏଜେନ୍ସି/କେଟରିଂ ଠିକାଦାର ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ ବିଷୟରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ। ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଥାଏ, ଦୟାକରି ନିମ୍ନସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

(PR-1186) ବରିଷ୍ଠ ବିଭାଗୀୟ ବାଣିଜ୍ୟିକ ପରିଚାଳକ

ଖଡ଼ଗପୁର ଦକ୍ଷିଣ ପୂର୍ବ ରେଳପଥ
ଆମେ ହସ ସହିତ ସେବା କରୁ



## ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର

ଅମୃତବିହାର, ସାରୁପାଳ, ବାଲେଶ୍ୱର
ସ୍ଥାପିତ-୨୦୦୪
ନାମଲେଖା ଆରମ୍ଭ | Udise code - 21080705251 | ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଉତ୍କଳ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଏବଂ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆମ୍ଭ ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର, ଅମୃତବିହାର, ସାରୁପାଳ, ଜି-ବାଲେଶ୍ୱରରେ ନର୍ସରୀ ଶ୍ରେଣୀ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଆରମ୍ଭ ହୋଇଛି । ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଏହି ବିଦ୍ୟାଳୟରେ କଳା, ସଂସ୍କୃତି, ବିଜ୍ଞାନ ଏବଂ ଆଧୁନିକ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ରହିଛି । ସରକାରୀ ନିୟମ ଅନୁସାରେ ସ୍ୱତନ୍ତ୍ର ବର୍ଗର ୨୫% (ଶତକଡା ପଚିଶି ଭାଗ) ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ଅଛି ।

ପ୍ରଧାନ ଆଚାର୍ଯ୍ୟ
ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର
ଅମୃତବିହାର, ସାରୁପାଳ, ବାଲେଶ୍ୱର

ଯୋଗାଯୋଗ - ୯୭୭୭୦୧୩୯୬୬, ୯୭୭୭୧୩୩୭୫୯



## ଶ୍ରୀଧରସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର

ଶ୍ରୀଧର ବିହାର, ମୟୂରଗ୍ରାମ, ବାଲେଶ୍ୱର
ନାମଲେଖା ଆରମ୍ଭ | Udise code - 21080900781 | NOCNO - SSGSKMR/371/2020 | ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଉତ୍କଳ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଏବଂ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆମ୍ଭ ଶ୍ରୀଧରସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର, ଶ୍ରୀଧର ବିହାର, ମୟୂରଗ୍ରାମ, ଜି-ବାଲେଶ୍ୱରରେ ନର୍ସରୀ ଶ୍ରେଣୀ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଆରମ୍ଭ ହୋଇଛି । ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଏହି ବିଦ୍ୟାଳୟରେ କଳା, ସଂସ୍କୃତି, ବିଜ୍ଞାନ ଏବଂ ଆଧୁନିକ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ରହିଛି । ସରକାରୀ ନିୟମ ଅନୁସାରେ ସ୍ୱତନ୍ତ୍ର ବର୍ଗର ୨୫% (ଶତକଡା ପଚିଶି ଭାଗ) ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ଅଛି ।

ପ୍ରଧାନ ଆଚାର୍ଯ୍ୟ
ଶ୍ରୀଧରସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର
ଶ୍ରୀଧର ବିହାର, ମୟୂରଗ୍ରାମ, ବାଲେଶ୍ୱର

ଯୋଗାଯୋଗ - ୭୭୩୫୬୪୮୭୪୪, ୯୮୬୧୩୪୦୪୧୩

ଶୁକ୍ରବାର, ଫେବୃଆରୀ ୨୮, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଶୈଳଶ୍ରୀବିହାର ବିଶ୍ୱନାଥ ମନ୍ଦିରରେ ମହାଶିବରାତ୍ରୀ ପାଳିତ

ଭୁବନେଶ୍ୱର,୨୭।୨(ନି.ପ୍ର) ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିର ପରିସରରେ ଥିବା ବାବା ବିଶ୍ୱନାଥ ମନ୍ଦିରରେ ମହାଶିବରାତ୍ରୀ ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳ ୬ ଘଟିକା ସମୟରେ ମଙ୍ଗଳ ଆଳତୀ ପରେ ରୁଦ୍ରାଭିଷେକ, ଷୋଡଶ ଉପଚାର ପୂଜା, ହରିହର ଭେଟ ଅନୁଷ୍ଠିତ ହୋଇ ରାତ୍ର ସାଢେ ୧୦ ଟା ସମୟରେ ମହାଦୀପ ଉଠିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଚାରୋଟି ଧାଡିରେ ଭକ୍ତମାନେ ଆସି ପୂଜାର୍ଚ୍ଚନା କରିବା ସହିତ ପ୍ରଭୁଙ୍କ ଦର୍ଶନ କରିଥିଲେ। ରାତିରେ ହଜାର ହଜାର ସଂଖ୍ୟାରେ ଭକ୍ତ ଉଜାଗର ରହି ଦୀପ ଜାଳିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିସାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିଲେ। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟର ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ର, ସମ୍ପାଦକ ଗୋଲୋକକୃଷ୍ଣ ପଟ୍ଟନାୟକଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଶିଷ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଥ ସେନାପତି, ଅମିତ କିରଣ ହୋତା ଓ କର୍ପୋରେଟର ପ୍ରୀତିନନ୍ଦା



ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ସ୍ଥାନୀୟ ଅଞ୍ଚଳର ଶୁଭେଚ୍ଛୁ ସାହାର୍ଯ୍ୟ ସହେଯାଗ କରିଥିଲେ। ସମଗ୍ର ଶୈଳଶ୍ରୀ କ୍ଷେତ୍ର ଶିବମୟ ହୋଇ ଉଠିଥିଲା।

# ମନ୍ଦିର ନିର୍ମାଣ ପାଇଁ ଦାୟିତ୍ୱ ନେଲେ ପିଣ୍ଟୁ ପ୍ରଧାନ



ବାସୁଦେବପୁର,୨୭।୨(ନି.ପ୍ର) ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣିଡିହି ପଂଚାୟତର ବାଲିଘାଇ ଗ୍ରାମରେ ମାଆ ମଣି ନାଗେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ପବିତ୍ର ଶିବରାତ୍ରି ଉତ୍ସବ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ମନ୍ଦିର କୁ ନିର୍ମାଣ କରିବା ପାଇଁ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଶିଷ୍ଟ ସମାଜସେବୀ ପିଣ୍ଟୁ ପ୍ରଧାନ। ଏହା ବ୍ୟତୀତ ଗ୍ରାମର ଜନ ସାଧାରଣ, ବିଭିନ୍ନ ବଦାନ୍ୟ ବ୍ୟକ୍ତି ଏହି ମନ୍ଦିର ନିର୍ମାଣରେ ଆର୍ଥିକ ସହଯୋଗ କରିବେ ବୋଲି ସ୍ଥିର ହୋଇଛି। ଏହି ଶିବରାତ୍ରି ଉତ୍ସବ ଓ ଆଧ୍ୟାତ୍ମିକ ପର୍ବରେ ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ ଙ୍କ ସହିତ ଯୋଗ ଦେଇଥିଲେ ଆଦିତ୍ୟ ମହାପାତ୍ର, ରଜତ କୁମାର ବାରିକ୍, ରମେଶ ମହାଳିକ, ରତିକାନ୍ତ ନାୟକ, ନରେନ୍ଦ୍ର ନାୟକ, ବାଇଧର ସିଂ, କାହ୍ନୁ, ଚିତ୍ତ ରଞ୍ଜନ ଜେନା, ପ୍ରକାଶ ନାୟକ, ଅମିୟ ଚୌଧୁରୀ, ମନୋଜ ଜେନା, ମାନସ ନାୟକ, ଗଣେଶ ନାୟକ ଓ ଅନ୍ୟ ଭାଇ ବନ୍ଧୁ। ଏହି ଅବସରରେ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବିଭିନ୍ନ ଶିବ ମନ୍ଦିର, ବୁଢ଼ା ମହାଦେବ ମନ୍ଦିର ଦର୍ଶନ କରି ଥିଲେ ଓ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଦୀପ ଜାଳିଥିଲେ ଏବଂ ମନସ୍କାମନା ପୂରଣ ପାଇଁ ଭଗବାନ ଙ୍କ ବୃକ୍ଷରେ ଡୋରି ବାନ୍ଧିଥିଲେ। ସମାଜର ବିଭିନ୍ନ ବର୍ଗର ଦୁଃଖୀ ଗରିବ ଅସହାୟ ଜନସାଧାରଣଙ୍କୁ ଆଗାମୀ ଦିନରେ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ସମାଜସେବୀ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ।

# ଧାମରା ସାମୁଦ୍ରିକ ଥାନାରେ ଥାନାଧିକାରୀ ପଦବୀ ଫାଙ୍କା

ଭଦ୍ରକ,୨୭।୨(ନି.ପ୍ର) ଭଦ୍ରକ ଜିଲା ଧାମରା ସାମୁଦ୍ରିକ ଥାନାରେ ଥାନାଧିକାରୀ ପଦବୀ ଫାଙ୍କା ପଡିଛି। ଏହି ପଦବୀ କୁ ପୂରଣ କରିବା ପାଇଁ ଅଂଚଳବାସୀ ଦାବୀ ଜଣାଇଛନ୍ତି। ପ୍ରାପ୍ତ ଖବର ଅନୁଯାଇ ଦୀର୍ଘ ୧ମାସରୁ ଅଧିକ ହେବ ଏହି ଥାନାରେ ଥିବା ଥାନାଧିକାରୀ ଅନ୍ୟତ୍ର ବଦଳି ହୋଇ ଯାଇଛନ୍ତି। ମାତ୍ର ସଂପୃକ୍ତ ଥାନାଧିକାରୀ ବଦଳି ଯିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଥାନାଧିକାରୀଙ୍କୁ ଏଠାରେ ନିଯୁକ୍ତି ଦିଆ ଯାଇ ନାହିଁ। ଏହି ସାମୁଦ୍ରିକ ଥାନାଧିକାରୀଙ୍କ ଉପରେ ଧାମରା ଉପକୂଳ ଅଂଚଳର ସୁରକ୍ଷା ନ୍ୟସ୍ତ ଥିବା ବେଳେ ଆଜି ପର୍ଯ୍ୟନ୍ତ କିପରି ଏହି ପଦବୀ ଫାଙ୍କା ରହିଛି ଏବଂ ସ୍ୱଳ୍ପ ଷ୍ଟାଫ ମାନଙ୍କୁ ନେଇ ଧାମରା ସାମୁଦ୍ରିକ ଥାନା ଚାଲିଛି ଏଥିପ୍ରତି ଭଦ୍ରକ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବା ସହ ତୁରନ୍ତ ଏହି ଥାନାରେ ଫାଙ୍କା ପଡିଥିବା ସମସ୍ତ ପଦବୀ ପୂରଣ କରିବାକୁ ଅଂଚଳବାସୀ ଦାବୀ ଜଣାଇଛନ୍ତି। ଏଥିସହ ଧାମରା ବନ୍ଦରକୁ ବିଭିନ୍ନ ପଣ୍ୟବାହୀ ଜାହାଜ ଆସିବା ପୂର୍ବରୁ ଏବଂ ଧାମରା ବନ୍ଦରରେ ପଣ୍ୟ ଅନଲୋଡ କରି ଯିବା ପୂର୍ବରୁ ସଂପୃକ୍ତ ଥାନାଧିକାରୀଙ୍କ ଅନୁମତି ଜରୁରୀ ପଡିଥିବା ବେଳେ ଧାମରା ସାମୁଦ୍ରିକ ଥାନାରେ ନୂତନ ଥାନାଧିକାରୀ ନିଯୁକ୍ତି ଅପରିହାର୍ଯ୍ୟ ହୋଇ ପଡିଛି।

# ସୁଶୀଳା ପ୍ରଭା ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ



ଭୁବନେଶ୍ୱର,୨୭।୨(ନି.ପ୍ର) ଶିଶୁ ସାହିତ୍ୟିକା ସୁଶୀଳା ପ୍ରଭକ୍ଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦତ୍ତ ସୁଶୀଳା ପ୍ରଭା ସ୍ମୃତି ସମ୍ମାନ ଉତ୍ସ୍ୱ ଆଜି ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନର ସଭଗୃହରେ ସ୍ମୃତି ସଂସଦର ସଭାପତି ଡ. ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ପ୍ରାକ୍ତନ ପ୍ରଶାସକ ତଥା ଶିଶୁ ସାହିତ୍ୟିକ ଡ.ମହେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି, ବିଶିଷ୍ଟ ଲେଖକ ତଥା ଶିକ୍ଷାବିତ୍ ବିଧୁଭୁସନ୍ ପଟ୍ଟନାୟକ ଏବଂ ବିଶିଷ୍ଟ ଶିଶୁ ସାହିତ୍ୟିକ, ସାମ୍ବାଦିକ ବଙ୍କିମ ନାୟକ ଯଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ୨୦୨୩ ମସିହା ଏବଂ୨୦୨୪ ମସିହା ନିମନ୍ତେ ଯଥାକ୍ରମେ ବିଶିଷ୍ଟ ଗୀତିକାର, ଶିଶୁସାହିତ୍ୟିକ ଅରୁଣ ଚନ୍ଦ୍ର ମହାନ୍ତି ଏବଂ ଗବେଷକ, ଶିଶୁ ସାହିତ୍ୟିକ ଡ.ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସଂସଦର ଆବାହିକା ତନୟା ଦାସ ଗୋସ୍ୱାମୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା ଶିଶୁ କଣ୍ଠଶିଳ୍ପୀଙ୍କ ସୁମଧୁର କଣ୍ଠସଙ୍ଗିତ ଓ ନୃତ୍ୟ ତଥା ଶକ୍ତି ଶୁଭାଶିଷଙ୍କ ଅବିଶ୍ୱାସନିୟ ମାଜିକ ଶୋ ।

# ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ଶାଖାର ବୈଠକ

## ମାସ ଶେଷ ଗୁରୁବାର ବନ୍ଦ ରହିବ ସାଲୁନ



ଭୁବନେଶ୍ୱର,୨୭।୨(ନି.ପ୍ର) ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ମହାନଗର ଶାଖା ପକ୍ଷରୁ ମା ଶିଖରଚଣ୍ଡୀ ମନ୍ଦିର ପ୍ରଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସଭାପତି ରୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ, ସାଧାରଣ ସମ୍ପାଦକ ମାୟାଧର ବାରିକ, ମହାନଗର ଶାଖା ସମ୍ପାଦକ ଅଲେଖ ଚନ୍ଦ୍ର ବାରିକ, କୋଷାଧକ୍ଷ ବିକ୍ରମ ଚରଣ ବାରିକ ପ୍ରମୁଖ ଯୋଦଗେଇ ଏକତା ସୂତ୍ରରେ ବାନ୍ଧି ହୋଇ ପରସ୍ପର ମଧ୍ୟରେ ଭାଇଚାରା ସୁଦୃଢ କରିବା ପାଇଁ ଅହ୍ୱାନ ଦେଇଥିଲେ। ଏହି ବୈଠକରେ ଭୁବନେଶ୍ୱର ମହାନଗର ଶାଖାର ବିଭିନ୍ନ ସମସ୍ୟା ଓ ବାରିକ ଭାଇ ମାନଙ୍କର ସୁବିଧା ଅସୁବିଧା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଉତ୍ତର ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ମାସର ଶେଷ ଗୁରୁବାର ଦିନ ଚୁଟି କଟା ଦୋକାନ ଏବଂ ସାଲୁନ ବନ୍ଦ ରଖିବା ପାଇଁ ବାରିକ ଭାଇମାନେ ନିଷ୍ପତ୍ତି ନେଇଥିଲେ। ଏଥି ସହିତ ଭୁବନେଶ୍ୱରେ ସଂଘ ଗୃହ ପାଇଁ ଜାଗା କିମ୍ବା ଘର ଯୋଗାଇଦେବା ଓ ବାରିକ ମାନଙ୍କୁ ମାଗଣା ବିୟୁଟି ପାର୍ଲର ଟ୍ରେନିଂ ଦେଇ ଉପଯୁକ୍ତ ଥଇଥାନ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରାଯାଇଥିଲା। ଏଥିରେ ଉତ୍ତର ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟକ ବାରିକ ଭାଇମାନେ ଉପସ୍ଥିତ ଥିଲେ।

# ପବିତ୍ର ମହାଶିବରାତ୍ରି ଅବସରରେ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା,୨୭।୨(ନି.ପ୍ର) ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧ ନମ୍ବର ୱାର୍ଡର ବୁଢ଼ୀଖମାରୀ ଶାସନ ସ୍ଥିତ ବାବା ଜୀବନେଶ୍ୱର ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଏଠାରେ ପୂଜା ପାଇ ଆସୁଥିବା ମହାଦେବଙ୍କ ମନ୍ଦିରର ଏକଦା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱର୍ଗତ ରତିକାନ୍ତ ଦାଶ, ସ୍ୱର୍ଗତ ବନବିହାରୀ ଦାଶ, ସ୍ୱର୍ଗତ ତନ୍ମୟ କୁମାର ଦାଶ, ସ୍ୱର୍ଗତ ରଘୁନାଥ ସେଠି, ସ୍ୱର୍ଗତ ଅରୂପ କୁମାର ବେହେରା, ସ୍ୱର୍ଗତ କାମିନୀକାନ୍ତ ମିଶ୍ର, ସ୍ୱର୍ଗତ ଜଗନ୍ନାଥ ମିଶ୍ର ପ୍ରମୁଖ ୭ ଜଣଙ୍କ ଅବର୍ତ୍ତମାନରେ ତାଙ୍କ ପରିବାରବର୍ଗଙ୍କୁ ନିଆରା ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଛି ଓ ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନଗରପାଳ କୃଷ୍ଣଓ ନନ୍ଦ ମହାନ୍ତି, ଶିକ୍ଷାବିତ ବିପ୍ଳବ ଭୁଗୁଡେଇ, ଗୌରବ ମୋଦି ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିବା ସହ ସମସ୍ତଙ୍କର ପରିବାରର ସୁଖ ସଂବୃଦ୍ଧି ପାଇଁ ବାବାଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଓ ତତସହିତ ବର୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଦେବରାଜ ମିଶ୍ର, ଲିଙ୍ଗରାଜ ମିଶ୍ର, କିଶୋର କୁମାର ମିଶ୍ର, ସରୋଜ କୁମାର ମିଶ୍ର, ଲାଲମୋହନ ଆଚାର୍ଯ୍ୟ, ସ୍ୱପ୍ନବ୍ରତ ଷଡଙ୍ଗୀ, ରମେଶ ଚନ୍ଦ୍ର ଷଡଙ୍ଗୀ, ମିନାକ୍ଷୀ ମିଶ୍ର, ସୁମିତା ଦାଶ, ଚିନ୍ମୟ କୁମାର ମିଶ୍ର, ବିକ୍ରମ ଷଡଙ୍ଗୀ, ତପନ କୁମାର ଷଡଙ୍ଗୀ, ସଚିନ୍ଦ୍ର କର, ରମାନାଥ ମିଶ୍ର, ସତ୍ୟମ ଷଡଙ୍ଗୀ ଓ ଦେବୀଦତ୍ତ ମିଶ୍ରଙ୍କୁ ମଧ୍ୟ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ତଥା ଝୋଟି, ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ନଗରପାଳ ଶ୍ରୀ ମହାନ୍ତି, ଶିକ୍ଷାବିତ ଶ୍ରୀ ଭୁଗୁଡେଇ, ଶିକ୍ଷକ ସୋମନାଥ ସିଂହ, ଶ୍ରୀ ମୋଦିଙ୍କ ଓ କାଉନସିଲର ଶ୍ରୀମତୀ ସେଠିଙ୍କୁ କମିଟି ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରା ଯାଇଥିଲା ଓ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ଅମର କୁମାର ସେଠି, ଦୀପକ ମିଶ୍ର, ରବି ବେହେରା, ଆମ୍ବି ମହାପାତ୍ର କ୍ଷୀରୋଦ ଭୂୟାଁ ଓ ବାବୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଗୁଡଭେଲା ବ୍ଲକର ତ୍ରିଦିବସୀୟ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗିର,୨୭।୨(ନି.ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ, ବଲାଙ୍ଗିରଙ୍କ ଦ୍ୱାରା ଗୁଡଭେଲା ବ୍ଲକ ସଂଯୋଜିକା ଐଶ୍ୱର୍ଯ୍ୟ ସାମ୍ରାଜ୍ଞୀ ମିତ୍ରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନୂଆପଡା ପଂଚାୟତ ହାଇସ୍କୁଲ ଠାରେ ଗୁଡଭେଲା ବ୍ଲକର ୩୩ ଜଣ ପ୍ରଧାନ ଶିକ୍ଷକଙ୍କୁ ନେଇ ଗତ ୨୪ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ବିଇଓ ନମିତା ରାଣୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମରୁ ମିଳିଥିବା ଅଭିଜ୍ଞତାକୁ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ । ସାଧନକର୍ମୀ ତଥା ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଂଚାଳନ କରିଥିବା ବେଳେ ସାଧନ କର୍ମୀ ଦୁତିଆ ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ସାଧନ କର୍ମୀ ରୋଲିନା ମାଝୀ ଓ ଦୀପାଞ୍ଜଳି ଛତ୍ରିଆ ତାଲିମ ପରିଚାଳନା କରିଥିଲେ । ଏବିଇଓ ସୁରେନ୍ଦ୍ର ସୁନା ଓ ବିପିନ ବାଗ ବିଭିନ୍ନ ସମୟରେ ପରିଦର୍ଶନରେ ଆସି ତାଲିମ ତଦାରଖ କରୁଥିଲେ। ସିଆରସିସି ଜଗମୋହନ ତ୍ରିପାଠୀ ଭେନ୍ୟୁ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଉଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ଓ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ଅକୁଣ୍ଠ ସହଯୋଗ କରିଥିଲେ ।

# ଠକିଦେଲେ ନୂଆ ସରକାର: ବର୍ଦ୍ଧିତ ବିକଳାଙ୍ଗ ଭତ୍ତାରୁ ବଞ୍ଚିତ ମକରି ମଢେଇ



ନୀଳଗିରି,୨୭।୨(ନି.ପ୍ର)ଓଡ଼ିଶାରେ ପ୍ରଥମଥର ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ଶାସନକ୍ଷମତାକୁ ଆସିଥିବା ବେଳେ ପୂର୍ବପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟରେ ଅଧିକାଂଶ ପ୍ରତିଶ୍ରୁତି ପାଳନହୋଇଛି। ମାତ୍ର ପ୍ରଶାସନିକ ଅବହେଳା ପାଇଁ ହେଉ କିମ୍ବା ରାଜନୈତିକ ଛକାପଞ୍ଝାରେ ହେଉ ଅଧିକାଂଶ ଯୋଜନାରେ ପ୍ରକୃତ ହିତାଧିକାରୀ ସେମାନଙ୍କର ନ୍ୟାୟରୁ ବଞ୍ଚିତ ହେଉଛନ୍ତି। ରାଜ୍ୟସରକାର ନବେ ପ୍ରତିଶତରୁ ଉର୍ଦ୍ଧ୍ୱ ବିକଳାଙ୍ଗ ଏବଂ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କବ୍ୟକ୍ତିଙ୍କୁ ୩୫୦୦ଟଙ୍କା ବର୍ଦ୍ଧିତଭତ୍ତା ପ୍ରଦାନ କରିଛନ୍ତି। ମାତ୍ର ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତ ଗୋହିରା ଗ୍ରାମର ରତ୍ନାକର ମଢେଇଙ୍କ ସଂପୂର୍ଣ୍ଣ ବିକଳାଙ୍ଗ ଝିଅ ମକରି ମଢେଇ (୩୮) ଜନ୍ମରୁ ବିକଳାଙ୍ଗ ଅଟନ୍ତି। ଏପରିକି ନିଜର ନିତ୍ୟନୈମିତ୍ତିକ କାମ ପରିବାର ଉପରେ ନିର୍ଭର କରନ୍ତି।ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଳୟ ୨୦୧୩ ମସିହା ସେପ୍ଟେମ୍ବର ୨୪ତାରିଖରେ ମକରିକୁ ୯୦ପ୍ରତିଶତ ବିକଳାଙ୍ଗ ସାର୍ଟିଫିକେଟ ପ୍ରଦାନ କରିଥିବା ବେଳେ ସେବେଠାରୁ ବିକଳାଙ୍ଗ ଭତ୍ତା ପାଉଛନ୍ତି। ଏବେ ୧୨୦୦ଟଙ୍କା ଭତ୍ତା ପାଉଥିବା ବେଳେ, ନୂଆସରକାରଙ୍କ ବର୍ଦ୍ଧିତଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ନିଜ ଭାଗ୍ୟକୁ ନିନ୍ଦି ସରକାର ମୋତେ ଠକିଦେଲେ ବୋଲି ଲୁହଭିଜା ଆଖିରେ ଦୁଃଖ ବଖାଣିଛନ୍ତି। ରାଜ୍ୟସରକାର ଏବଂ ପ୍ରଶାସନର ତୁରନ୍ତ ଦୃଷ୍ଟିଦେଇ ମକରି କିପରି ବର୍ଦ୍ଧିତଭତ୍ତା ପାଇପାରିବେ ସେଥିପାଇଁ ଉଚିତ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ନିୟମିତ ରକ୍ତଦାତାଙ୍କ କ୍ୟାନ୍ସର ରୋଗୀଙ୍କୁ ପ୍ଲେଟଲେଟ ଦାନ



ବାରିପଦା,୨୭/୨(ନି.ପ୍ର): କ୍ୟାନ୍ସର ପୀଡ଼ିତ ରୋଗୀଙ୍କ ପାଇଁ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଯାଇ ନିଜର ପ୍ଲେଟଲେଟ ପ୍ରଦାନ କରିଛନ୍ତି. ଏହି ପ୍ଲେଟ୍ଲେଟ ଦାନ ସମୟରେ ସମାଜସେବୀ ବସନ୍ତ କୁମାର ମହାପାତ୍ର, ଅରବିନ୍ଦ ମୁଖୀ, ରାଜାରାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ଉତ୍ସାହିତ କରିଥିଲେ । ଏସ.ସି.ବି ମେଡିକାଲ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଡ଼ କୌଶିକ ପାତ୍ର ଏବଂ ରଶ୍ମି ସ୍ୱାଇଁ ପ୍ଲେଟଲେଟ ସଂଗ୍ରହ କରିଥିଲେ. ଏହା ପୂର୍ବ ରୁ ଅନେକ ବାର ନିୟମିତ ଭାବରେ ଡଃ ନିରୋଜ କୁମାର ପୋଥାଳ ବାରିପଦାରୁ ଭୁବନେଶ୍ୱର, କଟକକୁ ଯାଇ ଡେଙ୍ଗୁ ଓ କ୍ୟାନ୍ସର ରୋଗୀଙ୍କୁ ନିଜର ପ୍ଲେଟଲେଟ ଦାନ କରି ଆସୁଛନ୍ତି. ଆଜି ପର୍ଯ୍ୟନ୍ତ ସର୍ବମୋଟ ସେ ୧୨୪ ଥର ନିଜର ରକ୍ତଦାନ କରି ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି ।

# ଜାଗର ରାତିରେ ଅଘଟଣ : ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲେଶ୍ୱର,୨୭।୨(ନି.ପ୍ର)ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜାମୁନିଆ ଗ୍ରାମର ବୈକୁଣ୍ଠ ଦାସଙ୍କ ସ୍ତ୍ରୀ କଲ୍ୟାଣୀ (୩୩) ଜାଗର ରାତିରେ ଦୀପ ଜାଳୁଥିବା ବେଳେ ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ବାତାବରଣ ଖେଳିଯାଇଛି । ଗୁରୁବାର ପରିବାର ବର୍ଗ, ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ସହାୟତାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଛି । ବାମଡ଼ା ଗ୍ରାମ ଶିବ ମନ୍ଦିରରେ ମହାଶିବରାତ୍ରୀରେ ବ୍ରତୀମାନଙ୍କ ଗହଣରେ କଲ୍ୟାଣୀ ଦୀପ ଜାଳୁଥିଲେ । ଏକବାର ଓ ଶିବରାତ୍ରି ଉପଲକ୍ଷେ ଦୁଇଦିନ ଧରି ସେ ଉପବାସ ରହି ବ୍ରତ ରଖିଥିଲେ । ବିଳମ୍ବିତ ରାତିରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ । କିଛି ସମୟ ପରେ ଚେତା ଶୂନ୍ୟ ହୋଇପଡ଼ିଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସଙ୍ଗେ ସଙ୍ଗେ ରୂପସା ମେଡ଼ିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଜଣେ ୧୨ବର୍ଷର ପୁତ୍ର ଓ ୭ ବର୍ଷର ଝିଅ ଅଛନ୍ତି । ତାଙ୍କ ମୃତ୍ୟୁ ଯୋଗୁଁ କିଛି ସମୟ ଯାତ୍ରା ବନ୍ଦ ରଖା ଯାଇଥିଲା । ମନ୍ଦିର ପରିଚାଳନା କମିଟି ତରଫରୁ ଏକ ଶୋକସଭା କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଜାଗରମେଳାକୁ ନେଲାନି ସ୍ୱାମୀ : ବେକରେ ଶାଢ଼ି ଲଗାଇ ମହିଳା କଲା ଆତ୍ମହତ୍ୟା

## ବାପଘର ଲୋକ ଆଣିଲେ ହତ୍ୟା ଅଭିଯୋଗ



ନୀଳଗିରି,୨୭।୨(ନି.ପ୍ର) ଜାଗରମେଳାକୁ ବୁଲେଇବାକୁ ନନେବାରୁ ବେକରେ ଶାଢ଼ୀ ଲଗାଇ ସ୍ତ୍ରୀ ଆତ୍ମହତ୍ୟା କରିଥିବା ସ୍ୱାମୀ ସମେତ ଶ୍ୱଶୁର ଘର ଲୋକେ କହୁଥିବା ବେଳେ ଝିଅର ବାପା ମାରି ଦିଆଯାଇଛି ବୋଲି ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ଥାନାରେ ୭୭/୨୫ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ସ୍ୱାମୀକୁ ଥାନାରେ ଅଟକରଖିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ହେବା ସହିତ ରିପୋର୍ଟ ଆସିବାପରେ ଘଟଣାର ସତ୍ୟତା ଉପରୁ ପରଦା ହଟିବବୋଲି ଥାନାପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ବଣିଆଗାଁ ଗ୍ରାମରେ। ସ୍ୱାମୀ ଅଜୟ ସିଂଙ୍କ ସ୍ତ୍ରୀ ଲକ୍ଷ୍ମୀ(୨୪) ଶିବରାତ୍ରି ଉପଲକ୍ଷେ ମନ୍ଦିର ବୁଲାଇବାକୁ ନେବାପାଇଁ ଜିଦ ଧରିଥିଲେ। ସ୍ୱାମୀ ଏଥିରେ ଅରାଜି ହେବାରୁ ଘରଭିତରେ ଥିବା ଏକ ଲୁହା ପାଇପରେ ବେକରେ ଶାଢ଼ୀ ଲଗାଇ ଝୁଲିପଡ଼ିଥିଲେ। ସକାଳେ ନୀଳଗିରି ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଶବଜବତ କରିବା ସହିତ ସ୍ୱାମୀକୁ ଗିରଫ କରି ନୀଳଗିରି ଥାନାକୁ ଆଣିଥିଲେ। ଶବ ବ୍ୟବଚ୍ଛେଦ ହୋଇ ପାରିନଥିବାରୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛନ୍ତି ତଦନ୍ତକାରୀ ଅଧିକାରୀ ତଥା ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ । ବାଲେଶ୍ୱର ସାଇଣ୍ଟିଫିକ ଟିମ, ମାଜିଷ୍ଟ୍ରେଟ ଭାବେ ନୀଳଗିରି ଅତିରିକ୍ତ ତହସିଲଦାର, ସନ୍ଧନୀ କୁକୁର ଆଜି ଅପରାହ୍ନରେ ପହଞ୍ଚି ଅନୁସନ୍ଧାନ କରି ଫେରିଛନ୍ତି। ଅପର ପକ୍ଷରେ ଝିଅକୁ ମାରି ଦିଆଯାଇଛି ବୋଲି ମହିଷାପଟା ଗ୍ରାମର ବାପା ସନିଆ ସିଂ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**AFFIDAVIT**

An affidavit before the Executive Magistrate Basta, I, Kanchanmala Acharya, aged about 39 years, W/o- Brahmajiban Upadhyaya, village- Gambharia, Po- paunsakuli, Ps- Singla, Dist- Baleshwar, Odisha hereby solemnly affirm and state that my actual name as per my educational certificate issued by Board of Secondary Education, Orissa is Kanchanmala Acharya. But in my Aadhar card no 3758 8882 6396, my name has been mentioned as per my husband's title, i.e. Kanchanmala Upadhyaya. Kanchanmala Upadhyaya and Kanchanmala Acharya are one and same person. Henceforth, I shall be known as Kanchanmala Acharya for all future purposes.

Kanchanmala Acharya

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida